**ସଂକ୍ଷେପରେ**

## ସାପ କାମୁଡ଼ାରେ ଯୁବତୀଙ୍କ ମୃତ୍ୟୁ

**ଜେନାପୁର,୨୫।୧୦(ଅଶୋକ ଦାସ):**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ବୃନ୍ଦାଦେଇପୁର ପଞ୍ଚାୟତ ଡିହକଷ୍ଟି ଗ୍ରାମରେ ସାପ କାମୁଡ଼ାରେ ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗ୍ରାମର ପଦନ ମଳିକଙ୍କ ଝିଅ ଜ୍ୟୋତି ମଳିକ(୨୪)। ଜ୍ୟୋତିଙ୍କ ପରିବାର ଦୀର୍ଘ ଦିନ ହେବ ଏକ ଭଙ୍ଗା ଚାଳିଆ ଜରିପାଲ ବନ୍ଧା ଘରେ ରହି ଆସୁଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଜ୍ୟୋତି ଘରେ ଥିବାବେଳେ ତାଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ଫଳରେ ସେ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ବାପାମା'ଙ୍କ ଗୋଟେ ବୋଲି ଝିଅ ଥିଲେ ଜ୍ୟୋତି। ବାପାଙ୍କ ଗୋଡ଼ ଭାଙ୍ଗିଯିବା ପରେ ଘରର ରକ୍ଷଣାବେକ୍ଷଣ ଦାୟିତ୍ୱ ତାଙ୍କ ମୁଣ୍ଡରେ ଥିଲା। ଏବେ ଝିଅ ଚାଲି ଯିବା ପରେ ବାପାମା'ସନ୍ତାନ ହୀନ ହୋଇ ପଡ଼ିଛନ୍ତି।

## ନୂତନ ତହସିଲଦାରଙ୍କ କାର୍ଯ୍ୟରେ ଯୋଗଦାନ

**ଧର୍ମଶାଳା,୨୫।୧୦(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ତହସିଲରେ ନୂତନ ତହସିଲଦାରଭାବେ ଶୁଭଙ୍କର ମହାନ୍ତି ବୁଧବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ମହାନ୍ତି ଏଥିପୂର୍ବରୁ ସମ୍ବଲପୁର ମ୍ୟୁନିସିପାଲିଟିର ଅତିରିକ୍ତ କମିଶନର ଭାବେ କାର୍ଯ୍ୟ କରୁଥିଲେ। ଧର୍ମଶାଳା ତହସିଲଦାର ସ୍ୱାଗତ ଦାସଙ୍କ ୨ ମାସ ତଳେ ଭୁବନେଶ୍ୱର ମ୍ୟୁନିସିପାଲିଟିର ଅତିରିକ୍ତ କମିଶନର ଭାବେ ବଦଳି ହୋଇଥିଲା। ତେବେ ତାଙ୍କ ବଦଳରେ କୌଣସି ତହସିଲଦାର ଏଠାରେ କାର୍ଯ୍ୟରେ ଯୋଗଦେଇ ନ ଥିବାରୁ ସେ ଅଦ୍ୟାବଧି ତହସିଲଦାରଙ୍କ କାର୍ଯ୍ୟ ତୁଲାଇ ଆସୁଥିଲେ। ମହାନ୍ତି ଯୋଗାଦନ କରିବା ପରେ ତାଙ୍କୁ ପୂର୍ବତନ ତହସିଲଦାର ଦାସ କାର୍ଯ୍ୟଭାର ହସ୍ତାନ୍ତର କରିଛନ୍ତି। ପରେ ନୂତନ ତହସିଲଦାରଙ୍କୁ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଛନ୍ତି।

## କାନ୍ଥ ପଡ଼ି ମହିଳା ମୃତ

**ଢେଙ୍କିକୋଟ,୨୫।୧୦(ନୀଳମଣି ମଣ୍ଡଳ)**

କେନ୍ଦୁଝର ଜିଲା ଢେଙ୍କିକୋଟ୍ ପଞ୍ଚାୟତ ଢେଙ୍କିକୋଟ୍ ଗ୍ରାମ ଦଳେଇ ସାହିରେ ବୁଧବାର ଘର କାନ୍ଥପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ଜୟ ମହାରଣାଙ୍କ ସ୍ତ୍ରୀ ବୁଦୁନୀ ମହାରଣା (୫୮)। ସେ ଘର ଚାରି ପାଖ ସଫା କରୁଥିବା ବେଳେ ଦୁର୍ବଳ ମାଟି କାନ୍ଥ ତାଙ୍କ ଉପରେ ପଡ଼ିଯାଇଥିଲା। ଚିତ୍କାର ଶୁଣି ଘର ଲୋକ ଆସି ତାଙ୍କୁ ବାହାର କରି ଘଟଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଖବର ପାଇ ଘଟଗାଁ ଥାନା ଅଧିକାରୀ ଅଞ୍ଜନ ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଢେଙ୍କିକୋଟ ଫାଣ୍ଡି ଅଧିକାରୀ ସୁରଥ ଦେହୁରୀ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଛନ୍ତି। ଘଟଗାଁ ଥାନାରେ ଏକ ମାମଲା( ନଂ-୬୪/୨୩)ରୁଜୁ ହୋଇଛି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ତଦନ୍ତକାରି ଅଫିସର ସୁରଥ ଦେହୁରୀ ପ୍ରକାଶ କରିଛନ୍ତି।

# ମହେଶ୍ୱରପୁର ପଞ୍ଚାୟତରେ ନାନା ସମସ୍ୟା

- ଭୂତକୋଠି ପାଲଟିଛି ପଞ୍ଚାୟତ କାର୍ଯ୍ୟାଳୟ
- ବ୍ୟବହାର ହେଉନାହିଁ ଅଳିଆ ବୁହା ଗାଡ଼ି
- ଡ୍ରେନ୍ ନିର୍ମାଣ କରାଯାଉ ନ ଥିବାରୁ ଅସନ୍ତୋଷ

**ବ୍ରହ୍ମବରଦା,୨୫।୧୦(ଯଯାତି କେଶରୀ ବେହେରା):**


ପଞ୍ଚାୟତ କାର୍ଯ୍ୟାଳୟ ପାଚେରି ନିକଟରେ ଅଳିଆ ଗଦା ହୋଇଛି।


ବାଲି ପକାଯାଇ ରାସ୍ତା ଉଚ୍ଚା କରାଯାଉଛି।

ରସୁଲପୁର ବ୍ଲକ୍‌ର ମହେଶ୍ୱରପୁର ପଞ୍ଚାୟତରେ ନାନା ସମସ୍ୟା ଲାଗି ରହିଛି। ୧୩ ୱାର୍ଡର ୫ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କୁ ନେଇ ଗଠିତ ଏହି ପଞ୍ଚାୟତ କାର୍ଯ୍ୟାଳୟଟି ୪ ନମ୍ବର ୱାର୍ଡର ମଦରସା ମସଜିଦ ନିକଟରେ ଅବସ୍ଥିତ। ପଞ୍ଚାୟତ କାର୍ଯ୍ୟାଳୟଟି ଏବେ ଭୂତକୋଠି ପାଲଟିଛି। ବର୍ଷବର୍ଷ ଧରି ଏହାକୁ ସଫା କରାଯାଉ ନ ଥିବାରୁ ବର୍ଷାହେଲେ ଅଞ୍ଚଳଟି ଦୁର୍ଗନ୍ଧରେ ଫାଟି ପଡୁଛି। ଏନେଇ ଗ୍ରାମବାସୀ ସରପଞ୍ଚଙ୍କୁ ବାରମ୍ବାର କହିବା ପରେ ବି ଏହାକୁ ସଫା କରାଯାଉ ନ ଥିବା ଅଭିଯୋଗ ହୋଇଛି। ସେହିପରି ସରକାର ବିପୁଳ ଟଙ୍କା ଖର୍ଚ୍ଚକରି ଗାଁରେ ୨ଟି ଲେଖାଏ ଅଳିଆ ବୁହା ଗାଡ଼ି ଯୋଗାଇ ଦେଇଛନ୍ତି। ହେଲେ ଏଠି ଅଳିଆ ବୁହା ଗାଡ଼ି ବ୍ୟବହାର ନ ହୋଇ ପଞ୍ଚାୟତ ଅଫିସ ପରିସରରେ ପଡ଼ିରହିଛି। ପଞ୍ଚାୟତ ଅଫିସ ପରିସରରେ ଷ୍ଟ୍ରିଟ୍ ଲାଇଟ୍ ଅଛି, ହେଲେ ଜଳୁନାହିଁ। ପଞ୍ଚାୟତ ଘର ଅଳନ୍ଧୁରେ ପରିପୂର୍ଣ୍ଣ। ଅଫିସ ସମ୍ମୁଖରେ କୁଢ଼କୁଢ଼ ଅଳିଆ ଗଦା ହୋଇରହିଛି।

ପଞ୍ଚାୟତ କାର୍ଯ୍ୟାଳୟ କାନ୍ଥରେ ସୂଚନାଫଳକ ଲଗାଯାଇ ଲେଖା ହୋଇଛିଯେ, ସର୍ବସାଧାରଣ ସ୍ଥାନରେ ଅଳିଆ ପକାଇଲେ ୧୦୦ ଟଙ୍କା ଜରିମାନା ଦେବାକୁ ପଡ଼ିବ। କିନ୍ତୁ ଏଠି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ କୁଢ଼କୁଢ଼ ଅଳିଆ ଗଦା ହୋଇ ରହିଛି। ସେହିପରି ୧ ନମ୍ବର ୱାର୍ଡର ହେମନ୍ତ ସାହୁଙ୍କ ଘରଠାରୁ ଜାମ୍ମା ମସଜିଦ ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇ ପଡ଼ିଥିଲା। ଏନେଇ ଧରିତ୍ରୀରେ ଖବର ପ୍ରକାଶ ପରେ ବରୀ ବିଧାୟିକା ରାସ୍ତା ମରାମତି କରିବାକୁ ୩ ଲକ୍ଷ ଟଙ୍କା ବ୍ୟୟ ବରାଦ କରିଛନ୍ତି। ସେହି ଅନୁସାରେ କାମ ଆରମ୍ଭ ହୋଇଛି। ତେଣୁ ଡ୍ରେନେଜ୍ ସକ୍ଷମ କରି ପାଣି ବାହାରକୁ ଛଡ଼ାଯାଉ ବୋଲି ଗ୍ରାମବାସୀ ଦାବି କରୁଛନ୍ତି। ହେଲେ ଠିକାଦାର ରାସ୍ତାରେ ଏକ ଫୁଟ୍‌ରୁ ଦେଢ଼ଫୁଟ୍ ଉଚ୍ଚର ବାଲି ପକାଇ ରାସ୍ତାକୁ ଉଚ୍ଚା କରୁଛନ୍ତି। ଡ୍ରେନେଜ ନିର୍ମାଣ ନ କରି ରାସ୍ତା ଉଚ୍ଚା କରୁଥିବାରୁ ଲୋକଙ୍କ ଘରଠାରୁ ରାସ୍ତା ଉଚ୍ଚା ହେଉଛି। ଫଳରେ ବର୍ଷା ହେଲେ ଘରେ ପାଣି ପଶିବାକୁ ନେଇ ୱାର୍ଡର ୨୦ରୁ ଊର୍ଦ୍ଧ୍ୱ ପରିବାର ଅସନ୍ତୋଷ ପ୍ରକାଶ କରିଛନ୍ତି। ତେଣୁ ରାସ୍ତାକୁ ଉଚ୍ଚା ନ କରି ରାସ୍ତା କଡ଼ରେ ଡ୍ରେନେଜ ନିର୍ମାଣ କରିବାକୁ ସେମାନେ ଦାବି କରିଛନ୍ତି। ଏହି ୱାର୍ଡରେ ୨୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରିଥାନ୍ତି। ବିଗତ ଦିନରେ ରାସ୍ତା ତଳୁଆ ଥିବାବେଳେ ଘର ଉଚ୍ଚା ଥିଲା। ଧୀରେଧୀରେ ଲୋକ ସଂଖ୍ୟା ବୃଦ୍ଧି ସହିତ ସ୍ଥାନର ଅଭାବ ଦେଖାଗଲା। ଲୋକେ ଗଡ଼ିଆ ପୋଖରୀରେ ମାଟି ପକାଇ ଘର ନିର୍ମାଣ କରି ବସତି ସ୍ଥାପନ କଲେଣି। ଫଳରେ ବର୍ଷା ପାଣି କୁଆଡେ ଯିବାକୁ ରାସ୍ତା ପାଉନାହିଁ। ରାସ୍ତା ସାରା ପାଣି ଜମି ରହୁଛି। ଯଦ୍ୱାରା ଗ୍ରାମବାସୀ ଯାତାୟାତରେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାକୁ ୫ ବର୍ଷ ମଧ୍ୟରେ ୩ ଥର ନିର୍ମାଣ କରାଯାଇ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ହେଲେ ସମସ୍ୟାର ସମାଧାନ ହୋଇ ପାରୁନାହିଁ।

୨୦୨୧-୨୨ରେ ୨ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଉକ୍ତ ରାସ୍ତା ମରାମତି କରାଯାଇଥିଲା। କିନ୍ତୁ ନିମ୍ନମାନର କାର୍ଯ୍ୟ ପାଇଁ ମାସ କେଇଟାରେ ରାସ୍ତାରୁ ଢଳେଇ ଉଠି ଯାଇଥିଲା। ଏହି ରାସ୍ତା ଉପରେ ସ୍ଥାନୀୟ ଅଞ୍ଚଳର ୫୦୦ରୁ ଊର୍ଦ୍ଧ୍ୱ ପରିବାର ନିର୍ଭରଶୀଳ। ରାସ୍ତାଟି ବ୍ରହ୍ମବରଦା ପୋଷ୍ଟ ଅଫିସ, ବ୍ରହ୍ମବରଦା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ସଂଯୋଗ କରୁଛି। ପ୍ରତ୍ୟେକ ଦିନ ଶତାଧିକ ଯାନବାହନ ଏହି ରାସ୍ତାରେ ଯାତାୟାତ କରୁଛି। ତେଣୁ ରାସ୍ତାକୁ ତୁରନ୍ତ ମରାମତି ସହିତ ଡ୍ରେନେଜ୍ ନିର୍ମାଣ କରିବାକୁ ଗ୍ରାମର ହେମନ୍ତ କୁମାର ସାହୁ, ଅବଦୁଲ ରୌଫ, ସୁକାନ୍ତ ସାହୁ, ଆନନ୍ଦ ଦାସ ଓ ବାପି ଦାସ ପ୍ରମୁଖ ଶତାଧିକ ଗ୍ରାମବାସୀ ଦାବି କରିଛନ୍ତି।

ଅଳିଆ ବୁହା ଗାଡ଼ି ସମ୍ପର୍କରେ ବିଡିଓ ଅବନିକାନ୍ତ ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ଏ ବିଷୟରେ ଜାଣିନାହାନ୍ତି। ବିଆର୍‌ସି ଅପର୍ଣ୍ଣା ମଲ୍ଲିକ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିପାରିବେ। ବିଆର୍‌ସି ମଲ୍ଲିକଙ୍କୁ ପଚାରିବାରୁ ସେ ଅଫିସ ଆସିଲେ ଏ ଦିଗରେ ତଥ୍ୟ ପ୍ରଦାନ କରିବେ ବୋଲି ମତ ରଖିଛନ୍ତି।

ପଞ୍ଚାୟତ ଅଫିସ ସମ୍ପର୍କରେ ସରପଞ୍ଚଙ୍କ ପ୍ରତିନିଧି ଅମୂଲ୍ୟ ପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, କିଛି ମାସ ହେବ ପଞ୍ଚାୟତ କାର୍ଯ୍ୟାଳୟ ରାଜୀବ ଗାନ୍ଧୀ ସେବାକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ଅଳିଆ ବୁହା ଗାଡ଼ି ସମ୍ପର୍କରେ ପଚାରିବାରେ, କାହାରିକୁ ଦାୟିତ୍ୱ ଦିଆଯାଇନାହିଁ ବୋଲି ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ପଞ୍ଚାୟତ କାର୍ଯ୍ୟାଳୟ ସ୍ଥାନାନ୍ତର ନେଇ ପୁରୁଣା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ସୂଚନା ଫଳକ ଲଗାଯାଇ ନ ଥିବା ଜଣାପଡ଼ିଛି।

## ପୂଜା ମଣ୍ଡପରେ ଅଶ୍ଳୀଳ ଇଙ୍ଗିତକୁ ନେଇ ଗଣ୍ଡଗୋଳ

**୨ ଆହତ, ୨ ଗିରଫ**

**ଯାଜପୁର ସଦର,୨୫।୧୦ (ସମର ବିଜୟ ଶରଣ):**

ଯାଜପୁର ସଦର ଥାନା ଅନ୍ତର୍ଗତ ଶିମିଳିଆ ଦୁର୍ଗାପୂଜା ମଣ୍ଡପରେ ମଙ୍ଗଳବାର ଦଶହରାରେ ଅଶ୍ଳୀଳ ଇଙ୍ଗିତକୁ ନେଇ ଗଣ୍ଡଗୋଳ ଘଟିଛି। ଏଥିରେ ୨ ଜଣ ଆହତ ହୋଇଛନ୍ତି। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ୨ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ପରିଚୟ ମିଳି ପାରିନାହିଁ। ଅଭିଯୋଗ ଅନୁସାରେ, ବାହାରୁ ଆସିଥିବା କେତେଜଣ ଅସାମାଜିକ ଯୁବକ ମଣ୍ଡପ ନିକଟରେ ପହଞ୍ଚି ଯୁବତୀ ଓ ମହିଳାଙ୍କୁ ଅଶ୍ଳୀଳ ଇଙ୍ଗିତ କରିଥିଲେ। ଏହାକୁ ମଣ୍ଡପ ନିକଟରେ ଥିବା ଲୋକେ ବିରୋଧ କରିଥିଲେ। ଫଳରେ ସେମାନଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପରେ ମାରଣାସ୍ତ୍ର ଦ୍ୱାରା ଅସାମାଜିକ ଯୁବକମାନେ ସ୍ଥାନୀୟ ଲୋକଙ୍କୁ ଆକ୍ରମଣ କରିଥିଲେ। ଏହି ଘଟଣାକୁ କେନ୍ଦ୍ରକରି ପୂଜା ମଣ୍ଡପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ସମୟରେ ଗଣ୍ଡଗୋଳ ଘଟାଇଥିବା ଯୁବକମାନେ ସେମାନଙ୍କର ୩ ବାଇକ୍ ଛାଡ଼ି ଅନ୍ଧକାର ଭିତରେ କେଉଁଆଡ଼େ ଫେରାର ହୋଇ ଯାଇଥିଲେ। ଏନେଇ ପୂଜା କମିଟି ପକ୍ଷରୁ ଅର୍ଜୁନ ଚରଣ ବଳ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ।


ବରୀ ବ୍ଲକ୍ ଯାଦବ ମହାସଭାର ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସଭାରେ ଅତିଥି ଜଣେ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ଯାଦବ ମହାସଭାର ବାର୍ଷିକ ଉତ୍ସବ

**ବରୀ, ୨୫।୧୦(ମହେନ୍ଦ୍ର ସ୍ୱାଇଁ):**

ବରୀ ବ୍ଲକ୍‌ଯାଦବ ମହାସଭାର ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମନ୍ଦାରି ପଞ୍ଚାୟତର ଅଜାଣ ସରକାରୀ ଉଚ୍ଚ ବିଦ୍ୟାଳୟ ମେଦୁଆକୂଳଠାରେ ଆୟୋଜିତ ସଭାରେ ଶିକ୍ଷାବିତ୍ ତଥା ଅନୁଷ୍ଠାନର ସଭାପତି ଅଶୋକ କୁମାର ଦାସ ସଭାପତିତ୍ୱ କରିଥିଲେ। ରାଜ୍ୟ ଗଣିତ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ଯଶୋବନ୍ତ ଜେନା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବରୀ ବିଧାୟିକା ସୁନନ୍ଦା ଦାସ ଯୋଗଦେଇ ସଂସ୍କୃତି ସମ୍ପନ୍ନ ବରୀ ମାଟି ସବୁବେଳେ ପୂଜ୍ୟପୂଜାଙ୍କୁ ସମ୍ମାନ ଦେଇ ଆସିଛି। ତେଣୁ ସେ ଆଗାମୀ ଦିନରେ ଏହି ପରମ୍ପରା ବଜାୟ ରଖିବେ ବୋଲି ମତ ରଖିଥିଲେ। ମୁଖ୍ୟବକ୍ତା ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡ. କୁମରବର ଦାସ, ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ଆପେକ୍ସ ମହାବିଦ୍ୟାଳୟର ନିର୍ଦ୍ଦେଶକ ସନ୍ୟାସୀ ପଣ୍ଡା, ବରୀ ଯାଦବ ମହାସଭାର ପ୍ରାକ୍ତନ ସଭାପତି ନୃସିଂହ ଚରଣ ଦାସ ଯୋଗଦେଇ ଛାତ୍ରୀଛାତ୍ର କେବଳ ଶିକ୍ଷାକୁ ଗୁରୁତ୍ୱ ନ ଦେଇ ବୌଦ୍ଧିକ ଚିନ୍ତାଧାରା ଭିତରେ ରହି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କଲେ ସମାଜର ଉନ୍ନତି ହୋଇପାରିବ ବୋଲି ମତ ରଖିଥିଲେ।

ସଭାରେ ଯାଦବ ସମ୍ପ୍ରଦାୟର ୮୬ ମେଢ଼ ମୁରବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିକ୍ଷିତ ଦାସଙ୍କୁ 'ଯାଦବ ଗୌରବ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏତଦ୍‌ବ୍ୟତୀତ ଚଳିତ ମାଟ୍ରିକ ପରୀକ୍ଷାରେ ରାଜ୍ୟରେ ସର୍ବାଧିକ ନମ୍ବର ରଖିଥିବା ବରୀ ଅଞ୍ଚଳର ଶ୍ରେୟଶ୍ରୀ ଜେନା, ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସୁଦୀପ ମିଶ୍ର, ମଧୁସୂଦନ ପାଢ଼ୀ, ଅଧ୍ୟାପିକା ରୁକ୍ମିଣୀ ଦାସ, ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ଛାତ୍ରୀ ଆକାଂକ୍ଷା ମହାନ୍ତି, ମୋନାଲିସା ବେଉରିଆ, ଅସୀମା ଦାସ ଓ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ଗଣିତରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀ ସ୍ମୃତିରେଖା ବେହେରାଙ୍କ ସମେତ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ୧୫୬ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଅତିଥିଙ୍କ ଦ୍ୱାରା 'ବରୀ ପ୍ରତିଭାଙ୍କ ମନର କଥା' ପତ୍ରିକା ଉନ୍ମୋଚନ କରାଯାଇଥିଲା। ଅନୁଷ୍ଠାନର ଅନ୍ୟତମ ସଦସ୍ୟ ଦିଲୀପ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିଲାବେଳେ ପ୍ରଧାନଶିକ୍ଷକ ଅଶୋକ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ କିଶୋର ଚନ୍ଦ୍ର ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାବି ପ୍ରସାଦ ଦାସ, ଯୁବ ସଭାପତି ସମୀର ଦାସ, ପ୍ରମୋଦ କୁମାର ଦାସ, ବିକ୍ରମ ଦାସ, ଗୁରୁଚରଣ ଦାସ, କୈଳାସ ଚନ୍ଦ୍ର ଦାସ, ହୃଷୀକେଶ ଦାସ, ସୌଭାଗ୍ୟ ଦାସ, ମହେନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। ଯୁବ ସମ୍ପାଦକ ସଂଗ୍ରାମ ପଲାଇ ଧନ୍ୟବାଦ ଦେଇଥିଲେ।

## ବନ୍ଧୁକ, ଭୁଜାଲି ଦେଖାଇ ୩.୭ ଲକ୍ଷ ଟଙ୍କା, ସୁନାଗହଣା ଲୁଟ୍

**ଔପଦା, ୨୫।୧୦(ଧରିତ୍ରୀ ପଣ୍ଡା)**

ବାଲେଶ୍ୱର ଜିଲା ଔପଦା ଥାନା ଆମ୍ବଗଡ଼ିଆ ଗ୍ରାମରୁ ଦୁର୍ବୃତ୍ତ ଘରେ ପଶି ବନ୍ଧୁକ ଓ ଭୁଜାଲି ଦେଖାଇ ଲକ୍ଷାଧିକ ଟଙ୍କାର ସୁନାଗହଣା ସହ ନଗଦ ୩ଲକ୍ଷ ୭୦ହଜାର ଟଙ୍କା ଲୁଟି ନେଇଛନ୍ତି। ଔପଦା ପୋଲିସ ଆମ୍ବଗଡ଼ିଆ ଗ୍ରାମରେ ପହଞ୍ଚି ତଦନ୍ତ କରିଥିବା ବେଳେ ସାଇଣ୍ଟିଫିକ୍ ଟିମ୍ ସହିତ ସନ୍ଧାନୀ କୁକୁର ପହଞ୍ଚି ତଦନ୍ତ କରି ଫେରିଯାଇଛି।

ଗ୍ରାମର ଉମାକାନ୍ତ ମଲିକ ଗତ ୨୨ତାରିଖ ରାତିରେ ଶୋଇଥିବାବେଳେ ଦୁର୍ବୃତ୍ତ ମୁଖ୍ୟ ଗେଟ ସହ ଘରେ ଲାଗିଥିବା ଦୁଇଟି ଗେଟକୁ ଭାଙ୍ଗି ଘର ଭିତରକୁ ପଶିଯାଇଥିଲେ। ମୁଖା ପିନ୍ଧିଥିବା ଦୁର୍ବୃତ୍ତ ବନ୍ଧୁକ ଓ ଭୁଜାଲି ଦେଖାଇ ଜୀବନରୁ ମାରିଦେବାକୁ ଧମକ ଦେଇ ଆଲମିରା ଚାବି ମାଗିଥିଲେ। ଭୟରେ ଉମାକାନ୍ତଙ୍କ ସ୍ତ୍ରୀ ଆରତୀ ଚାବି ଦେବାରୁ ସେମାନେ ଉମାକାନ୍ତଙ୍କ ସହ ୪ ଜଣ ପରିବାର ସଦସ୍ୟଙ୍କୁ ଗୋଟିଏ ଘରେ ପୂରାଇ ଦେଇ କବାଟ ବନ୍ଦ କରିଦେଇଥିଲେ। ପରେ ଚୋରି କରି ପଳାଇଥିବା ବେଳେ ଗୋଟିଏ ଘରେ ନଜରବନ୍ଦୀ ଥିବା ପରିବାର ଲୋକେ ରାତି ପାହିବା ପରେ ବାହାରକୁ ନ ବାହାରିବାରୁ ପଡୋଶୀ କବାଟ ଖୋଲିବାରୁ ସେମାନେ ବାହାରିଥିଲେ। ଚୋରି ସମ୍ପର୍କରେ ଆରତୀ ଥାନାରେ ଅଭିଯୋଗ କରିଛନ୍ତି। ଉମାକାନ୍ତ ଟ୍ରାକ୍ଟର କିଣିବା ପାଇଁ ବଡ଼ପୋଖରୀ ସେବା ସମବାୟ ସମିତିରୁ ୩ଲକ୍ଷ ଟଙ୍କା ନିଜ ଜମା ଖାତାରୁ ଉଠାଇ ଥିବା ବେଳେ ଏହି ଟଙ୍କା ସହ ଉଧାର ଆଣିଥିବା ୭୦ହଜାର ଟଙ୍କା ଆଲମିରାରେ ରଖିଥିଲେ।

## ସ୍ୱାଧୀନତା ସଂଗ୍ରାମୀଙ୍କ ଶ୍ରାଦ୍ଧବାର୍ଷିକୀ


ସ୍ୱାଧୀନତା ସଂଗ୍ରାମୀ ଗଣେଶ ପ୍ରସାଦ ଦାସଙ୍କ ଶ୍ରାଦ୍ଧ ବାର୍ଷିକୀରେ ଅତିଥି ଶ୍ରଦ୍ଧାଞ୍ଜଳି ଦେଉଛନ୍ତି।

**ରସୁଲପୁର,୨୫।୧୦(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତରେ ସ୍ୱାଧୀନତା ସଂଗ୍ରାମୀ ଗଣେଶ ପ୍ରସାଦ ଦାସଙ୍କ ୩୪ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟ ଛାତ୍ର ସହାୟକ ସମିତି(ନାସାକୋ) ଓ ଗଣେଶ ପ୍ରସାଦ ଫାଉଣ୍ଡେଶନ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୁବ ଭାରତ କୃଷକ ସଂଘର ବ୍ଲକ ସଭାପତି ବଟକୃଷ୍ଣ ସାହୁ ଅଧ୍ୟକ୍ଷତା କରିଥିଲେ। ଏନେଇ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟଅତିଥି ଭାବେ କୋରେଇ ବିଧାୟକ ଅଶୋକ କୁମାର ବଳ, ମୁଖ୍ୟବକ୍ତା ଭାବେ ନାସାକୋ ସଂଗଠନର ରାଜ୍ୟ ସଭାପତି ତଥା ଗଣେଶ ପ୍ରସାଦ ଫାଉଣ୍ଡେଶନର ଅଧ୍ୟକ୍ଷ ପ୍ରଭାକର ନାୟକ, ସମ୍ମାନିତ ଅତିଥି ଆଇନଜୀବୀ ରାଜକିଶୋର ସାମଲ, ସମରେନ୍ଦ୍ର ଦାସ, ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ ଦାସ, ପୂର୍ଣ୍ଣିମା ରାୟ, କାଳନ୍ଦୀ କଣ୍ଡ, ପବିତ୍ର ପଣ୍ଡା, ଶିକ୍ଷକନେତା ସୁନନ୍ଦ କୁମାର ରାଉତ, ଅମୂଲ୍ୟ କୁମାର ଦାସ, ରମେଶ ବେହେରା, ପ୍ରତାପ ଦାସ, ରବୀନ୍ଦ୍ର ଦାସ, ଶରତ କୁମାର ଷଡ଼ଙ୍ଗୀ, ଜନ ବେହେରା, ଦେବରାଜ ବେହେରା, ପ୍ରକାଶ କୁମାର ଦାସ, ଜ୍ୟୋତିଶଙ୍କର ମହାପାତ୍ର, ବଳରାମ ବେହେରା, କୈଳାସ ସାମଲ, ତରୁଣ କୁମାର ବିଶ୍ୱାଳ, ନଳିନୀକାନ୍ତ ମିଶ୍ର, ବିରେନ ବିଶ୍ୱାଳ, ଶ୍ରୀକାନ୍ତ କୁମାର ବଳ ଓ ଚିନ୍ମୟ କୁମାର ପ୍ରତାପ ପ୍ରମୁଖ ଯୋଗଦେଇ ସଂଗ୍ରାମୀ ଗଣେଶ ପ୍ରସାଦଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ଫାଉଣ୍ଡେଶନ ପକ୍ଷରୁ ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ଓ ସ୍ମରଣିକା ଉନ୍ମୋଚନ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏହି ଅବସରରେ ସଂଗ୍ରାମୀଙ୍କ ଝିଅ ନିରୁପମା ଦାସଙ୍କ ପକ୍ଷରୁ ଡାକ୍ତରୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ମେଧାବୀ ଛାତ୍ର ଅନନ୍ତ ଦାସଙ୍କୁ ଆର୍ଥିକ ରାଶି ପୁରସ୍କାର ଭାବେ ପ୍ରଦାନ କରାଯାଇଥିଲା। ଭିକାରି ଜେନା ଧନ୍ୟବାଦ ଦେଇଥିଲେ।

## ଭାଜପାରେ ମିଶିଲେ ଅନ୍ୟ ଦଳର କର୍ମୀ


ଭାଜପାରେ ସାମିଲ ହୋଇଥିବା କର୍ମୀମାନେ।

**ପ୍ରୀତିପୁର,୨୫।୧୦ (ସୁଶାନ୍ତ ବେହୁରିଆ):**

ଭାଜପା ନେତା ଅମିୟ ମଲ୍ଲିକଙ୍କ ନେତୃତ୍ୱପ୍ରତି ଆସ୍ଥା ପ୍ରକଟ କରି ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ଅଧୀନ ବିଭିନ୍ନ ପଞ୍ଚାୟତର ଅନ୍ୟ ଦଳର ବହୁ କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ପ୍ରୀତିପୁରସ୍ଥିତ ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ୭ ନମ୍ବର ମଣ୍ଡଳ ପ୍ରଭାରୀ ଅଜୟ କୁମାର ରାଉତ ଓ ଜିଲା ଉପସଭାପତି ସଞ୍ଜୟ ନାୟକଙ୍କ ଉପସ୍ଥିତିରେ ଅସନପୁର ପଞ୍ଚାୟତର ନରୋତ୍ତମ ଯେନା, ବିକ୍ରମ ଯେନା, ମାଗୁଣି ଯେନା, ଅଜିତ ଯେନା, ନିରଞ୍ଜନ ଯେନା, ଅଶୋକ ଯେନା, ରଞ୍ଜନ ଯେନା, ଅକ୍ଷୟ ଯେନା, ତପନ ଯେନା, ସୁମନ୍ତ ଯେନା, ଅକ୍ଷୟ ଯେନା, ଗୁନ ଯେନା, ନିଖିଳ ଯେନା, କୈବଲ୍ୟ ଯେନା, ସତ୍ୟନାରାୟଣ ଯେନା ଓ ପ୍ରୀତିପୁର ପଞ୍ଚାୟତର ସୁଶାନ୍ତ ଦାଶଙ୍କ ସମେତ ବହୁ କର୍ମୀ ଭାଜପାରେ ଯୋଗ ଦେଇଛନ୍ତି।

# ଉଷ୍ମ ଜଳବାୟୁ, ଚିନ୍ତାରେ କୋବିଚାଷୀ

**ରସୁଲପୁର,୨୫।୧୦(ରଞ୍ଜିତ ରାଉତ):**



ରସୁଲପୁର ବ୍ଲକ ଅଞ୍ଚଳ ଏକ କୃଷି ପ୍ରଧାନ ବ୍ଲକ ଭାବେ ପରିଚିତ। ପରିବା ଚାଷ ପାଇଁ ରାଜ୍ୟରେ ଏହି ଅଞ୍ଚଳର ସ୍ୱତନ୍ତ୍ର ପରିଚୟ ରହିଛି। ବାରବାଟୀ ଅଞ୍ଚଳରୁ ଉତ୍ପାଦିତ କୋବି ବ୍ୟବସାୟ ଉଦ୍ଦେଶ୍ୟରେ ରାଜ୍ୟର ବିଭିନ୍ନ ପ୍ରାନ୍ତକୁ ପରିବହନ ହୋଇଥାଏ। ସେହି ଅନୁଯାୟୀ ଚାଷୀ ରବି ଋତୁରେ କୋବି ଫସଲ ଆଗୁଆ ଚାଷ କରିଥାନ୍ତି। ଏଥର କିନ୍ତୁ କୋବି ଚାଷୀଙ୍କୁ ନିରାଶ କରିଛି ଉଷ୍ମ ଜଳବାୟୁ। ଚଳିତ ଋତୁର ଜଳବାୟୁ କୋବି ପାଇଁ ଅନୁକୂଳ ନୁହେଁ ବୋଲି ଚାଷୀ ମତ ରଖିଛନ୍ତି। କୋବି ଚାଷ ପାଇଁ ବାୟୁମଣ୍ଡଳରେ ଦିନର ତାପମାତ୍ରା ୩୦ ଡିଗ୍ରୀରୁ କମ୍ ରହିବା ଉଚିତ। ଏଥର କିନ୍ତୁ ସ୍ଥିତି ଭିନ୍ନ ରହିଛି। ବାୟୁମଣ୍ଡଳର ତାପମାତ୍ରା ଏବେ ୩୫ଡିଗ୍ରୀ ଉପରେ। ଏଭଳି ସ୍ଥିତିରେ କୋବି ଗଛ ବଢ଼ି ପାରୁନାହିଁ। ରାତିରେ ଆଶାନୁରୂପକ କାକର ଓ ଥଣ୍ଡା ଅନୁଭୂତ ହେଉ ନ ଥିବାରୁ କୋବି ଫୁଲ ଠିକ୍‌ରେ ପ୍ରସ୍ଫୁଟିତ ହୋଇପାରିବା ସମ୍ଭାବନା କମିଯାଇଛି। କୋବି ଚାରା ଲଗାଇବାର ୨ ମାସ ମଧ୍ୟରେ କୋବି ଅମଳ କରିବାକୁ ଚାଷୀ ଲକ୍ଷ୍ୟ ରଖିଥାନ୍ତି। ତେବେ ଉଷ୍ମ ପାଣିପାଗ ଯୋଗୁ କୋବି ଉତ୍ପାଦନ ଠିକ୍ ସମୟରେ ହେବା ନେଇ ଆଶଙ୍କା ଉପୁଜିଛି। ସେପ୍ଟେମ୍ବର ଶେଷ ଆଡ଼କୁ କୋବି ଚାଷ କରିଥିବା ଚାଷୀ ନଭେମ୍ବର ଶେଷ ପର୍ଯ୍ୟାୟରେ ଅମଳ କରିବାକୁ ଲକ୍ଷ୍ୟ ରଖିଥିଲେ। ଏଥର ତାହା ସମ୍ଭବପର ହେବା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କୋବି ଚାଷୀ କ୍ଷତି ସହିବା ଏକ ପ୍ରକାର ନିଶ୍ଚିତ ବୋଲି କୁହାଯାଉଛି।

ପ୍ରକାଶଥାଉ କି, ଏହି ବ୍ଲକ ଅଞ୍ଚଳର ପ୍ରାୟ ୧୦୦ ଏକରରୁ ଊର୍ଦ୍ଧ୍ୱ ଜମିରେ ଆଗୁଆ କୋବି ଚାଷ ହୋଇଛି। ବ୍ଲକର ଦକ୍ଷିଣ ପଶ୍ଚିମାଞ୍ଚଳ, ଅରିଡିଆ, ବାହାବଳପୁର, କଳଣ, ଜାବରା, ମାନପୁର, ସିଂହାପୁର, ବ୍ରାହ୍ମଣବାଡ଼, ବଡ଼କଇଞ୍ଚ, ନୂଆହାଟ, ଟାକୁଆଠେଙ୍ଗ, ଶ୍ରୀବନ୍ତପୁର, ଗୋପୀନାଥପୁର, ଡିଅକଇଞ୍ଚ, ନଗୁଆଁ, ନାଉପାଳ, ଭଗୀରଥପୁର, ଭୋଟକା, ମୁଗୁପାଳ ଓ ବାରବାଟୀ ଆଦି ବହୁ ଗ୍ରାମରେ କୋବି ଚାଷ କରାଯାଉଛି। ଗୋଟିଏ ଏକର କୋବି କ୍ଷେତରେ ୧୨ରୁ୧୩ ହଜାର କୋବି ଚାରାରୋପଣ କରାଯାଉଛି। ପ୍ରତ୍ୟେକ ଚାରା କୋବି ହେବା ପର୍ଯ୍ୟନ୍ତ ଅନ୍ୟୁନ ୬ରୁ୭ଟଙ୍କା ଖର୍ଚ୍ଚ ହେଉଛି। ସେହି ଆଧାରରେ ଗୋଟିଏ ଏକରରେ ୭୫ରୁ୮୦ହଜାର ଟଙ୍କା ଖର୍ଚ୍ଚ ହେଉଛି।

### ଅବଧି ମଧ୍ୟରେ ଉତ୍ପାଦନ ହେବା ଆଶଙ୍କା

ଏହାପରେ ଅମଳ, ପରିବହନ ଖର୍ଚ୍ଚ ରହିଛି। ସବୁକୁ ଦୃଷ୍ଟିରେ ରଖିଲେ ଗୋଟିଏ କୋବିକୁ ଚାଷୀମାନେ ଅନ୍ୟୁନ ୧୫ ଟଙ୍କାରୁ ଅଧିକ ଦରରେ ବିକ୍ରି ନ କରିଲେ ଲାଭବାନ ହୋଇପାରିବେ ନାହିଁ। ତେବେ ଏଥର ସେଭଳି ସ୍ଥିତି ରହିଥିବା ଭଳି ମନେ ହେଉନାହିଁ। କୋବିର ଆକାର ସେତିକି ବଡ଼ ହୋଇପାରିବ ଯେ, ଯାହାକୁ ଚାଷୀ ୧୫ରୁ ଊର୍ଦ୍ଧ୍ୱ ଟଙ୍କାରେ ବିକ୍ରି କରିପାରିବେ ବୋଲି ଅଗ୍ରଣୀ କୋବି ଚାଷୀମାନଙ୍କ ମହଲରେ ଆଲୋଚନା ହେଉଛି। ତେବେ ଏଥିପ୍ରତି ସରକାର ଦୃଷ୍ଟି ଦେବା ସହ ପରିବା ମଣ୍ଡି ଜରିଆରେ ଚାଷୀଙ୍କ ଉତ୍ପାଦିତ ଦ୍ରବ୍ୟକୁ ଉଚିତ୍ ମୂଲ୍ୟରେ କ୍ରୟ କରନ୍ତୁ। ନଚେତ କ୍ଷତିଗ୍ରସ୍ତ କୋବି ଚାଷୀଙ୍କୁ ସରକାରୀ ସବ୍‌ସିଡ୍ ଭାବରେ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରନ୍ତୁ ବୋଲି ଚାଷୀ ମହଲରେ ଦାବି ହୋଇଛି।

## ସଂକ୍ଷେପରେ

### ଜେଲରୁ ଅଭିଯୋଗକାରୀଙ୍କୁ ଫୋନ୍‌ରେ ଧମକ ଅଭିଯୋଗ

**ପାରାଦୀପ,୨୫।୧୦(ଶରତ ରାଉତ):** କୁଜଙ୍ଗସ୍ଥିତ ସମାଗୋଳ ଜେଲରୁ ଜଣେ ବିଚାରାଧୀନ ଅଭିଯୁକ୍ତ ଅଭିଯୋଗକାରୀଙ୍କୁ ଫୋନରେ ହତ୍ୟା ଧମକ ଦେଇଥିବା ପାରାଦୀପ ଆଦର୍ଶ ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ମାମଲା ରୁଜୁ କରିନାହିଁ, କିନ୍ତୁ ତଦନ୍ତ ଆରମ୍ଭ କରିଛି ବୋଲି ଥାନା ଅଧିକାରୀ ସଚିତ୍ରବୀର୍ଯ୍ୟ ଦାସ କହିଛନ୍ତି। ଅଭିଯୋଗକାରୀ ହେଲେ ଏହି ଥାନା ଅନ୍ତର୍ଗତ ବାଉରିଆପାଳନ୍ଦା ବସ୍ତିର ରାଜୁ ମଜମୁଦାର। ଲିଖିତ ଅଭିଯୋଗ ଅନୁସାରେ, ବସ୍ତିର ସୂର୍ଯ୍ୟକାନ୍ତ ଦାସ ନାମକ ଯୁବକ ଏକ ମାମଲାକୁ ନେଇ ଅଗଷ୍ଟ ୨୨ରେ ଅଭିଯୋଗ ହୋଇଥିଲା। ସେତେବେଳେ ପୋଲିସ ନଂ. ୩୩୩/୨୩ରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ସୂର୍ଯ୍ୟକାନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏବେ ସୂର୍ଯ୍ୟକାନ୍ତ ବିଚାରାଧୀନ ଅଭିଯୁକ୍ତ ଭାବେ ଜେଲରେ ଅଛନ୍ତି। କିନ୍ତୁ ଜେଲରୁ ସେ ନଂ. ୮୨୪୯୦୫୦୮୬୩ରୁ ଲଗାତାର ଫୋନ୍ କରି ରାଜୁ ମଜମୁଦାରଙ୍କୁ ଧମକ ଦେଉଛନ୍ତି। ଏପରିକି ଶୀଘ୍ର ମାମଲା ପ୍ରତ୍ୟାହାର ନ କଲେ ଜେଲରୁ ବାହାରିବା ପରେ ପରିବାରକୁ ବରବାଦ୍ କରି ଦେବେ ବୋଲି କହୁଛନ୍ତି। ଏହି ଘଟଣାରେ ପୋଲିସ ଅଭିଯୋଗକାରୀଙ୍କର ମୋବାଇଲ କଲ୍ ରେକର୍ଡ ଯାଞ୍ଚ କରୁଛି। ଆଗକୁ ଅନ୍ୟ ଦିଗ ଉପରେ ତଦନ୍ତ କରାଯିବ ବୋଲି ଥାନାଧିକାରୀ ଦାସ କହିଛନ୍ତି। ଏ ନେଇ ଥାନା ପକ୍ଷରୁ ନଂ. ୪୧୯/୨୩ରେ ମାମଲା ରୁଜୁ ହୋଇଛି।

### ଅଙ୍ଗନୱାଡି କର୍ମୀ, ସହାୟିକାଙ୍କୁ ଯୋଗଦେବାକୁ ବାଧ କାରାଯାଉଛି

**ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ**

**କୁଜଙ୍ଗ ୨୫।୧୦ (ମନୋଜ ପ୍ରଧାନ):** କୁଜଙ୍ଗ ବ୍ଲକ ପଡ଼ିଆରେ ଗୁରୁବାର ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଅନୁଷ୍ଠିତ ହେବ। ଏଥିରେ ଯୋଗଦେବାକୁ କୁଜଙ୍ଗ ସିଡିପିଓ ସୁପରଭାଇଜରମାନଙ୍କ ଦ୍ୱାରା ଅଙ୍ଗନୱାଡିକର୍ମୀ ଓ ସହାୟିକାମାନଙ୍କୁ ବାଧ କରୁଛନ୍ତି। ଯଦି ଯୋଗ ନ ଦେବ ତେବେ ତୁମର ଦରମା ବନ୍ଦ କରାଗଲେ ଆମକୁ ଦୋଷାରୋପ କରିବ ନାହିଁ ବୋଲି ଧମକ ଦେଉଛନ୍ତି। ବିଚରା ସ୍ୱଳ୍ପ ବେତନ ଭୋଗି କର୍ମୀ ଓ ସହାୟିକା ଅସହାୟତା ପ୍ରକାଶ କରିବା ସହ ନିଜ ନାମ ଗୋପନ ରଖିବା ସର୍ତ୍ତରେ ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ କହିଛନ୍ତି। ଏ ସମ୍ପର୍କରେ କୁଜଙ୍ଗ ସିଡିପିଓ ରାଜଶ୍ରୀ ସାହୁଙ୍କୁ ପଚାରିବାରେ କାର୍ଯ୍ୟକ୍ରମରେ ଅଧିକ ଲୋକ ରୁଣ୍ଡ ହେବା ପାଇଁ ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଉଛି। କିନ୍ତୁ କାହାର ଦରମା ବନ୍ଦ କରିବା କଥା ଆମ୍ଭେ କହିନାହୁଁ। କେଉଁ ସୁପରଭାଇଜର ଯଦି କହିଥିବେ ବୁଝିଲାଠାରୁ ଜଣାପଡ଼ିବ।

### ଜେଏସ୍‌ଡବ୍ଲ୍ୟୁ କାର୍ଯ୍ୟାଳୟରେ ଶାରଦୀୟ ଦୁର୍ଗାପୂଜା

**କୁଜଙ୍ଗ,୨୫।୧୦ (ମନୋଜ ପ୍ରଧାନ):** ପାରାଦୀପସ୍ଥିତ ଜେଏସ୍‌ଡବ୍ଲ୍ୟୁ କାର୍ଯ୍ୟାଳୟ ପରିସରରେ ମା' ଦୁର୍ଗାଙ୍କର ଶାରଦୀୟ ପୂଜା ଅନୁଷ୍ଠିତ ହୋଇଯାଇଛି। ୫ଦିନ ବ୍ୟାପୀ ଏହି ପୂଜା ସମ୍ପୂର୍ଣ୍ଣ ଉତ୍କଳୀୟ ରୀତିନୀତିରେ ଅନୁଷ୍ଠିତ ହୋଇଯାଇଛି। ଷଷ୍ଠି ତିଥିରେ ସକାଳେ ସୂର୍ଯ୍ୟପୂଜା ଓ ଅପରାହ୍ନରେ ବିଲ୍ୱବରଣ ପୂଜା ଅନୁଷ୍ଠିତ ହୋଇଯାଇଛି। ସପ୍ତମୀରେ ସପ୍ତମୀ ପୂଜା, କଳସ ଯାତ୍ରା, ଚକ୍ଷୁଦାନ କରାଯାଇଥିଲା। ଅଷ୍ଟମୀ ତିଥିରେ ମହାଷ୍ଟମୀ ପୂଜା ସହ ସନ୍ଧିପୂଜା ଯଥାରୀତିରେ ଅନୁଷ୍ଠିତ ହୋଇଯାଇଛି। ନବମୀ ତିଥିରେ ମହାନବମୀ ପୂଜା ଓ ଦଶମୀ ତିଥିରେ ବିଜୟା ଦଶମୀ ପୂଜା ଅନୁଷ୍ଠିତ ହୋଇଯାଇଥିଲା। ସକାଳୁ ସୂର୍ଯ୍ୟପୂଜା ପରେ ଅପରାଜିତା ପୂଜା ଓ କୁମାରୀ ପୂଜା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ ସହିତ ଆଳତୀ କରାଯାଇଥିଲା। ପରେ ମା'ଙ୍କର କଳସ ବିସର୍ଜନ ସହ ମୃଣ୍ମୟୀ ମୂର୍ତ୍ତୀକୁ ଏକ ଶୋଭାଯାତ୍ରାରେ ନିଆଯାଇ ବିଷର୍ଜନ କରାଯାଇଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳର ସୁନାମଧନ୍ୟ କଳାକାରଙ୍କ ଦ୍ୱାରା ଭଜନ ସନ୍ଧ୍ୟା ପରିବେଶଣ କରାଯାଇଥିଲା। ଏହି କାର୍ଯକ୍ରମକୁ କାର୍ଯ୍ୟାଳୟର ଅଧିକାରୀ ଡି.କେ. ସିହ୍ନା, ପ୍ରକାଶ ହାତି, ପଙ୍କଜ ତିୱାରୀ, ଅକ୍ଷୟ ପତି, ଗୋବିନ୍ଦ ମହାନ୍ତି, ସରୋଜ ସ୍ୱାଇଁ, ଡି.ଭି. ଶ୍ରୀକାନ୍ତ, ସୁଲୋଚନା ଜେନା, ଶ୍ରାବଣୀ ପ୍ରଧାନ, ସ୍ୱୟଂ ପ୍ରଜ୍ଞା ମହାନ୍ତିଙ୍କ ସମେତ ସମସ୍ତ ଭିଏଲସି ପରିଚାଳନା କରିଥିଲେ।

# ଜଗତ୍‌ସିଂହପୁରରେ ରାବଣପୋଡ଼ି, ଭସାଣି

**ଅହଂକାର, ଅସତ୍ୟ ଉପରେ ସତ୍ୟର ବିଜୟ**

**ଲୋକଙ୍କ ଭିତରେ ଉତ୍ସାହ, ପ୍ରବଳ ଜନସମାଗମ**

ଜଗତ୍‌ସିଂହପୁର, ୨୫।୧୦
(ପ୍ରମୋଦ କୁମାର ନାୟକ)


ଜଗତ୍‌ସିଂହପୁରରେ ରାବଣପୋଡି ଉତ୍ସବରେ ବିଧାୟକ ପ୍ରଶାନ୍ତ ମୁଦୁଲି ଓ ଅନ୍ୟମାନେ।

ଜଗତ୍‌ଜନନୀ ମା' ଦୁର୍ଗାଙ୍କ ଆବିର୍ଭାବ ସେତିକି ବେଳେ ହୋଇଥିଲା ଯେତେବେଳେ ପାପର ଭାର ବଢି ଯାଇଥିଲା। ଦୁଷ୍ଟ ଶକ୍ତିର ବିନାଶ ପାଇଁ ମା' ଧରା ପୃଷ୍ଠକୁ ଅବତରଣ କରିଥିଲେ। ସମ୍ପ୍ରତି କାମ, କ୍ରୋଧ, ଈର୍ଷା, ଅନ୍ୟାୟ, ଅନୀତି, ଦୁର୍ନୀତି, ନାରୀ ନିର୍ଯାତନା ଅସହ୍ୟ ହେଲାଣି। ସମାଜରେ ରାବଣଙ୍କ ସଂଖ୍ୟା ବଢି ଚାଲିଛି। ଏ ପରିସ୍ଥିତିରେ ମା'ଙ୍କ ଆବିର୍ଭାବ ଏହି ରାବଣ ରୂପି ରାକ୍ଷସମାନଙ୍କ ନିଧନ ପାଇଁ ଉଦ୍ଦିଷ୍ଟ। ମଙ୍ଗଳବାର ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟ ପଡିଆରେ ଅନୁଷ୍ଠିତ ରାବଣ ପୋଡି ଉତ୍ସବରେ ଏଭଳି ମତ ପ୍ରକାଶ ପାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜଗତ୍‌ସିଂହପୁର ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି ଯୋଗଦେଇ ଏହା କହିଥିଲେ, ଚଳିତବର୍ଷ ଏହି ଉତ୍ସବରେ ବହୁ ସଂଖ୍ୟାରେ ଲୋକ ଉପସ୍ଥିତ ରହି ଉପଭୋଗ କରୁଛନ୍ତି। ତ୍ରେତୟା ଯୁଗରେ ରାବଣଙ୍କୁ ବଧ କରି ପ୍ରଭୁ ରାମଚନ୍ଦ୍ର ମା' ସୀତାଙ୍କୁ ଉଦ୍ଧାର କରିଥିଲେ। ଏହି କଥା ଆଜି ବି ଭାରତୀୟମାନଙ୍କ ମନରେ ଉଜ୍ଜୀବିତ ହୋଇ ରହିଛି। ଏହାକୁ ସ୍ମରଣ କରିବାର ଉଦ୍ଦେଶ୍ୟ ହେଉଛି ଅନ୍ୟାୟ, ଅତ୍ୟାଚାର ବିରୋଧରେ ସତ୍ୟର ଜୟ ହୋଇଛି। ତେଣୁ ପ୍ରତ୍ୟେକ ଏହି ଧାରା ବଞ୍ଚାଇ ରଖିବା ପାଇଁ ସଂଗ୍ରାମ କରିବାକୁ ପଡିବ ବୋଲି ବିଧାୟକ ମୁଦୁଲି ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ଅତିରିକ୍ତ ଜିଲାପାଳ ଚିନ୍ମୟୀ ବିଶ୍ୱାଳ ଆୟୋଜକମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଜିଲାବାସୀ ଉତ୍ସବକୁ ଉପଭୋଗ କରିବାକୁ ଅନୁରୋଧ କରିଥିଲେ। ସମ୍ମାନିତ ଅତିଥି ଭାବେ ଥାନପତି ମହାଦେବ କ୍ଲବ ସଭାପତି ସତ୍ୟବ୍ରତ ମହାପାତ୍ର ଦିବସର ଗୁରୁତ୍ୱ ସମ୍ପର୍କରେ ବଖାଣି ଥିଲେ। ଉତ୍ସବ ଆୟୋଜନ କରୁଥିବା ଶ୍ରୀରାମ କ୍ଲବର ସଭାପତି ରତ୍ନାକର ବିଶ୍ୱାଳ ସଭାପତିତ୍ୱ କରି କହିଥିଲେ, ଆମ ସଂସ୍କୃତି ଓ ପରମ୍ପରା ମହାନ। କ୍ଲବ ପକ୍ଷରୁ ୧୯୮୮ମସିହାରୁ ଜଗତ୍‌ସିଂହପୁରରେ ଏହି ଉତ୍ସବ ଆୟୋଜିତ ହୋଇଆସୁଛି। ସ୍ଥାନୀୟ ଦୁଃଖିରାମ ସ୍ୱାଇଁ କଳା ପ୍ରତିଷ୍ଠାନ ପକ୍ଷରୁ ମୁକ୍ତାକାଶ ରଙ୍ଗମଞ୍ଚ ନାଟକ (ରାବଣ ପୋଡି) କରାଯାଉଛି। ପ୍ରତିଷ୍ଠାନ ମୁଖ୍ୟ ଅଜୟ କୁମାର ଗୋଛାୟତଙ୍କ ନିଖୁଣ ରାବଣ ଅଭିନୟ ବେସ ଆକର୍ଷଣ ସୃଷ୍ଟି କରିଥିଲା। ଟାଉନ ହଲ ନିକଟରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡିଆ ପର୍ଯ୍ୟନ୍ତ ଶୋଭାଯାତ୍ରା, ପ୍ରତିଷ୍ଠାନ କଳାକାରମାନଙ୍କ ଦ୍ୱାରା ରାବଣଙ୍କ ସୀତା ହରଣ, ସୀତା ଉଦ୍ଧାର, ଜଟାୟୁ ବଧ, ରାବଣ ବଧ ଆଦି ନିଖୁଣ ଅଭିନୟ ଲୋକଙ୍କୁ ଭରପୁର ମନୋରଞ୍ଜନ ଦେଇଥିଲା। ଏହି ଅବସରରେ ପ୍ରତିଷ୍ଠାନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀରାମ କ୍ଲବ ସମ୍ପାଦକ ବିଜୟ କୁମାର ରାଉତ ସ୍ୱାଗତ ଭାଷଣ, ଅତିଥି ପରିଚୟ ଓ ମଞ୍ଚ ପରିଚାଳନା ଓ ଶେଷରେ କ୍ଲବ ସହ ସମ୍ପାଦକ ସୁଜିତ ମହାନ୍ତି ଧନ୍ୟବାଦ ଦେଇଥିଲେ। କ୍ଲବ କୋଷାଧ୍ୟକ୍ଷ ସୁକାନ୍ତ ବେହେରା, ଅମୀୟ ଦାସ ଓ ସୋମନାଥ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ। ଉତ୍ସବ ଦେଖିବା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡିଆ ଲୋକାରଣ୍ୟ ହୋଇ ଯାଇଥିଲା। ଆଇନଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ସେହିପରି ଭସାଣି ଉତ୍ସବ ମଧ ବେସ୍ ଆକର୍ଷଣୀୟ ହୋଇଥିଲା। ସହରର ସମସ୍ତ ମେଢ ବାଦ୍ୟରୋଳ ସହ ନାଚ ଓ ଗୀତ ମଧ୍ୟରେ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ମୁହାଁ ବୁଧବାର ହୋଇଥିଲେ। ଥାନପତି ମହାଦେବ କ୍ଲବ ପକ୍ଷରୁ ସ୍ୱାଗତ କରାଯିବା ପରେ ମେଢ ସବୁ ପଡିଆରେ ଏକତ୍ରିତ ହୋଇଥିଲେ। ଭୋଗ ଲାଗି ହେଲା ପରେ ଉତ୍ସବ ପାଳନ କରାଯାଇଥିଲା। ପରେ ସମସ୍ତ ମେଢ ବିସର୍ଜନ ପାଇଁ ସ୍ଥିରୀକୃତ ସହରର ଅସ୍ଥାୟୀ ପୋଖରୀ ଅଭିମୁଖେ ଯାତ୍ରା କରିଥିଲେ।

## ପାରାଦୀପ ବେଳାଭୂମିରେ ରାବଣପୋଡ଼ି


ପାରାଦୀପ କଳିଙ୍ଗ ବାଲିଯାତ୍ରା ପଡିଆରେ ଅନୁଷ୍ଠିତ ରାବଣପୋଡି ଉତ୍ସବରେ ଅତିଥି।

ପାରାଦୀପ, ୨୫।୧୦(ଶରତ ରାଉତ)

ପାରାଦୀପ ବେଳାଭୂମି କଳିଙ୍ଗ ବାଲିଯାତ୍ରା ପଡିଆରେ ମଙ୍ଗଳବାର ରାବଣପୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାଗର କ୍ଲବ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ସମ୍ବିତ ରାଉତରାୟ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରାନ୍ଧ, ଏଏମ୍‌ଏନ୍‌ଏସ୍ କମ୍ପାନୀ ନିର୍ବାହୀ ନିର୍ଦ୍ଦେଶକ ସୁରେଶା ଜି, ସବିତା ମହାପାତ୍ର, ମାଗୁ ଚରଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହାକୁ କ୍ଲବର ସୁଧାକର ନାୟକ, ପ୍ରଶାନ୍ତ କୁମାର ମଲ୍ଲିକ, ରଶ୍ମିରଞ୍ଜନ ପରିଡ଼ା ପ୍ରମୁଖପରିଚାଳନା କରିଥିଲେ।


ରାବଣପୋଡି ଦେଖିବାକୁ ଲୋକଙ୍କ ଭିଡ଼।

# ୩ ଦିନ ପରେ ରିସର୍ଚ୍ଚ ଜାହାଜ କୌସ୍ତୁଭ ଉଦ୍ଧାର


କୋଷ୍ଟଗାର୍ଡ ଜାହାଜ ଅମୋଘ ଖରାପ ହୋଇଥିବା ସାମୁଦ୍ରିକ ରିସର୍ଚ୍ଚ ଜାହାଜ କୌସ୍ତୁଭକୁ ସମୁଦ୍ରରେ ଟାଣି ଆଙ୍କରେଜ ସ୍ଥଳକୁ ଆଣୁଛି।

ପାରାଦୀପ,୨୫।୧୦(ଶରତ ରାଉତ)

- ସନ୍ଧ୍ୟାରେ ଆଙ୍କରେଜରେ ପହଞ୍ଚାଇଲା କୋଷ୍ଟଗାର୍ଡ
- ଜାହାଜରେ ଅଛନ୍ତି ୨୫ ନାବିକ

ପାରାଦୀପ ତଟଠାରୁ ୩୫ ନଟିକାଲ ମାଇଲ (୬୩ କିମି) ସମୁଦ୍ରରେ ବିପଦରେ ରହିଥିବା ସାମୁଦ୍ରିକ ରିସର୍ଚ୍ଚ ଜାହାଜ କୌସ୍ତୁଭ ବୁଧବାର ସନ୍ଧ୍ୟାରେ ପାରାଦୀପ ପାଖରେ ପହଞ୍ଚିଛି। ଯେଉଁ ସ୍ଥାନରେ ସମୁଦ୍ର କୌସ୍ତୁଭ ରହିଛି ତାକୁ ଆଙ୍କରେଜ ଅଞ୍ଚଳ ବୋଲି କୁହାଯାଇଛି। କୂଳ ପାଖକୁ ଆସିବା ପରେ ଜାହାଜ ଓ ସେଥିରେ ଥିବା ୨୫ ଜଣ ନାବିକ ବିପଦମୁକ୍ତ ବୋଲି କୋଷ୍ଟଗାର୍ଡ ପକ୍ଷରୁ ସୂଚନା ମିଳିଛି। କୋଷ୍ଟଗାର୍ଡ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଭାରତ ସରକାରଙ୍କ ଏକ ସାମୁଦ୍ରିକ ରିସର୍ଚ୍ଚ ଜାହାଜ ସମୁଦ୍ରରେ ନାଭିଗେଶନ ସମ୍ପର୍କରେ ତର୍ଜମା କରିଥାଏ। ଗତ ୨୨ ଓ ୨୩ ତାରିଖ ମଧ୍ୟରାତ୍ରରେ ସମୁଦ୍ରରେ କୌସ୍ତୁଭ ଜାହାଜରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ଏହି ସମୟରେ ବାତ୍ୟା ହମୁନ୍ ଯୋଗୁ ସମୁଦ୍ର ଅଶାନ୍ତ ହୋଇଯାଇଥିଲା। ସେମାନେ ତୁରନ୍ତ କୋଷ୍ଟଗାର୍ଡ ସହାୟତା ଲୋଡିଥିଲେ। କୋଷ୍ଟଗାର୍ଡ ପାଟ୍ରୋଲିଂ ଜାହାଜ ଅମୋଘ ସେହି ବାତ୍ୟା ମଧ୍ୟରେ ସମୁଦ୍ର ଭିତରକୁ ଯାଇ ୩୫ ନଟିକାଲ ମାଇଲ ଦୂରରୁ ସାବୁଦ୍ରିକ ରିସର୍ଚ୍ଚ ଜାହାଜ କୌସ୍ତୁଭକୁ ରଶି ଦ୍ୱାରା ଟାଣି ଟାଣି ଆଣିଥିଲା। ଉକ୍ତ ଜାହାଜରେ ଥିବା ରିସର୍ଚ୍ଚ ଟିମର ୨୫ ନାବିକ ସୁରକ୍ଷିତ ଅଛନ୍ତି। ଜାହାଜ ମଧ ସୁରକ୍ଷିତ ରହିଛି। ପାରାଦୀପ ବନ୍ଦର ମଧ୍ୟରେ ବର୍ଥିଂ ପରେ ମରାମତି ହେବ ବୋଲି ଜଣାପଡିଛି।

### ଟ୍ୟୁଶନ ଶିକ୍ଷୟିତ୍ରୀ ବାପାଙ୍କ ଦ୍ୱାରା ଛାତ୍ରୀ ଗର୍ଭବତୀ

**କୁଜଙ୍ଗ,୨୫।୧୦ (ମନୋଜ ପ୍ରଧାନ):** କୁଜଙ୍ଗ ଥାନା ଅଞ୍ଚଳର ଜନୈକା ଟ୍ୟୁସନ ଶିକ୍ଷୟିତ୍ରୀଙ୍କ ବାପାଙ୍କ ଦ୍ୱାରା ଜଣେ ୫ମ ଶ୍ରେଣୀ ଛାତ୍ରୀ ୬ ମାସର ଗର୍ଭବତି ହୋଇଛନ୍ତି। ଅଭିଯୋଗ ପାଇ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିଛି। ଥାନା ଅଞ୍ଚଳରେ ଜନୈକା ଯୁବତୀ ଘରୋଇ ଟ୍ୟୁସନ କରନ୍ତି। ତାଙ୍କ ନିକଟକୁ ନିକଟସ୍ଥ ଗ୍ରାମର ବହୁ ଛାତ୍ରୀଛାତ୍ର ପାଠ ପଢିବାକୁ ଆସନ୍ତି। ଶିକ୍ଷୟିତ୍ରୀ ଜଣକ ଅନୁପସ୍ଥିତ ରହିଲେ ତାଙ୍କ ବାପା ପିଲାଙ୍କୁ ପାଠ ପଢାନ୍ତି। ଏହି ସୁଯୋଗରେ ଜନୈକା ୧୧ବର୍ଷର ନାବାଳିକା ୫ମ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର କରିଥିବା ଥାନାରେ ଅଭିଯୋଗ ହୋଇଛି। ଛାତ୍ରୀ ଜଣଙ୍କର ସୋମବାର ହଠାତ୍ ପେଟ ଯନ୍ତ୍ରଣା ହୋଇଥିଲା। ଛାତ୍ରୀଙ୍କ ବାପା ନିକଟସ୍ଥ ବାଲିତୁଠ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ନେଇଥିଲେ। ସେଠାରେ ପରୀକ୍ଷା କରିବାରୁ ଛାତ୍ରୀ ଜଣକ ୬ମାସର ଗର୍ଭବତି ଥିବା ଜଣାପଡ଼ିଥିଲା। ଛାତ୍ରୀ ଜଣଙ୍କୁ ପରିବାର ଲୋକ ପଚରାଉଚରା କରିବାରେ ସେ କହିଥିଲେ, ଶିକ୍ଷୟିତ୍ରୀଙ୍କ ବାପା ତାଙ୍କ ସହ ଶାରିରୀକ ସମ୍ପର୍କ ରଖିଥିଲେ। ଏ ସମ୍ପର୍କରେ କାହାକୁ କିଛି ନ କହିବାକୁ ଛାତ୍ରୀ ଜଣଙ୍କୁ ସେ ବାରମ୍ୱାର ଧମକ ଦେଉଥିଲେ। ଏ ନେଇ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୪୬୫/୨୩ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଅନ୍ୟପକ୍ଷେ ପୋଲିସ ନାବାଳିକାଙ୍କୁ ଥାନାକୁ ଡକାଇ ବୟାନ ରେକର୍ଡ କରିବା ସହ ଡାକରୀମାଇନା କରାଇଛି। ଉକ୍ତ ଘଟଣାରେ ଅନେକ ଲୋକଙ୍କ ସମ୍ପୃକ୍ତ ଥିବା ନେଇ ପୋଲିସ ଓ ତିର୍ତ୍ତୋଲ ଏସ୍‌ଡିପିଓ ଚିନ୍ମୟ ରାଉତ ତଦନ୍ତକୁ ଜୋରଦାର କରିଥିବା ଆଇଆଇସି ରଶ୍ମିରଞ୍ଜନ ଦାଶଙ୍କ ସୂତ୍ରରୁ ପ୍ରକାଶ।

## ବିଶ୍ୱାଳି ପଞ୍ଚାୟତରେ ଭାଜପାର ମିଶ୍ରଣ ପର୍ବ

**କୁଜଙ୍ଗ ୨୫।୧୦ (ମନୋଜ ପ୍ରଧାନ) :** ଶିଳ୍ପ ସମୃଦ୍ଧ ପାରାଦୀପ ଉପକଣ୍ଠ କୁଜଙ୍ଗ ବ୍ଲକ ଅନ୍ତର୍ଗତ ବିଶ୍ୱାଳୀ ପଞ୍ଚାୟତରେ ବେକାରୀ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଖାଲି ସେତିକି ନୁହେଁ ବିକାଶର ଚିହ୍ନ ବର୍ଣ୍ଣ ନ ଥିବା ବେଳେ ପିଇବା ପାଇଁ ପାଣି ମୁନ୍ଦିଏ ମିଳୁନି ବୋଲି ଅଭିଯୋଗ କରି ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ଅତୀତର କଂଗ୍ରେସ ଓ ବର୍ତ୍ତମାନର ବିଜେଡି ସରକାର ଅଞ୍ଚଳର ବେକାରୀ ସମସ୍ୟା ପ୍ରତି ଆଖି ବୁଜି ଦେଇଥିବାରୁ ଶିଳ୍ପାଞ୍ଚଳରେ ସ୍ଥାନୀୟ ଯୁବତୀଯୁବକ କର୍ମନିଯୁକ୍ତି ପାଇ ପାରୁନାହାନ୍ତି। ଉକ୍ତ ମିଶ୍ରଣ ପର୍ବରେ ପାରାଦୀପ ନିର୍ବାଚନ ମଣ୍ଡଳୀ ଭାଜପା ନେତା ସମ୍ପଦ ସ୍ୱାଇଁ ଯୋଗଦେଇ କହିଥିଲେ, କେନ୍ଦ୍ରର ଭାଜପା ସରକାର ପାରାଦୀପର ବିକାଶ ପାଇଁ ଅର୍ଥ ଯୋଗାଇ ଦେଉଛନ୍ତି। ପାରାଦୀପ ପୂର୍ବ ଭାରତର ଅର୍ଥନୈତିକ ବିକାଶର ମୁଖଶାଳା। କିନ୍ତୁ ରାଜନୈତିକ ଇଚ୍ଛାଶକ୍ତିର ଅଭାବ, ପିସି କାରବାର, କମ୍ପାନୀଗୁଡିକର ଶୋଷଣ ଯୋଗୁ ଆମ ଅଞ୍ଚଳ ବେକାରୀ ଯୁବତୀଯୁବକ ନିଯୁକ୍ତି ପାଇ ପାରୁନାହାନ୍ତି। ଉକ୍ତ ମିଶ୍ରଣ ପର୍ବରେ ପୂର୍ବତନ ସାଂସଦ ତଥା ରାଜ୍ୟ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ଡ. ବିଭୁ ପ୍ରସାଦ ତରାଇ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗ୍ରାମ ବିକାଶ ସମ୍ବନ୍ଧୀୟ କେନ୍ଦ୍ରୀୟ ଯୋଜନା ବିଷୟରେ କହିଥିଲେ। ଏହି ମିଶ୍ରଣ ପର୍ବରେ ଜ୍ଞାନେନ୍ଦ୍ର ସାମଲ, କାଙ୍ଗାଳି ସାମଲ, ପରିକ୍ଷୀତ ସାମଲ, ମସୁସୂଦନ ତରାଇ, ଧ୍ରୁବ ତରାଇ, ନାରାୟଣ ପରିଡା, ଅଙ୍କୁର ସାମଲ, ବସନ୍ତ ବେହେରା, ରତ୍ନାକର ପରିଡା, ମଞ୍ଜୁଲତା ମାଝି, ଜ୍ୟୋସ୍ନାମୟୀ ମାଝି, ସାରଦା ସ୍ୱାଇଁ, ବିଦ୍ୟୁଲତା ବେହେରା ପ୍ରମୁଖ ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ ଯୋଗଦେଇଥିଲେ। ଉକ୍ତ ପଞ୍ଚାୟତ ବୈଠକରେ ଭାଜପା ଜିଲା ଉପସଭାପତି ଅରକ୍ଷିତ ଦାସ, ପାରାଦୀପଗଡ ମଣ୍ଡଳ ମହିଳା ମୋର୍ଚ୍ଚା ସଭାନେତ୍ରୀ ସଂଯୁକ୍ତ ସାମଲ ଉପସ୍ଥିତ ଥିଲେ।

# ଅଭିଭାବକଙ୍କ ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖ ଅନଶନ ପ୍ରତ୍ୟାହୃତ

**ଜାମୁଗାଁ ପଞ୍ଚାୟତ କଣ୍ଟୁଣିଆ ନୋଡାଲ ସରକାରୀ ବିଦ୍ୟାଳୟ**

ନାଉଗାଁ,୨୫।୧୦(ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ କଣ୍ଟୁଣିଆ ସରକାରୀ ଉଚ୍ଚ ବିଦ୍ୟାଳୟର ଅଭିଭାବକ ଭବାନୀ ଶଙ୍କର ମିଶ୍ର ୩ ଦଫା ଦାବି ନେଇ ବ୍ଲକ ଶିକ୍ଷାଧିକାରୀ (ବିଇଓ)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅକ୍ଟୋବର ୧୮ରୁ ଆମରଣ ଅନଶନରେ ବସି ରହିଥିଲେ। ଅନଶନ ପ୍ରତ୍ୟାହୃତ ପାଇଁ ଜିଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା, ବିଇଓ ମନୋରମା ରାଉତ ଆଦି ବାରମ୍ବାର ଆଲୋଚନା କରିଥିଲେ ମଧ୍ୟ ଅନଶନ ପ୍ରତ୍ୟାହୃତ ହୋଇ ନ ଥିଲା। ଦୀର୍ଘ ୭ ଦିନ ବସିବା ପରେ ଅକ୍ଟୋବର ୨୪ରେ ଲିଖିତ ପ୍ରତିଶ୍ରୁତି ପାଇବା ପରେ ମିଶ୍ର ଅନଶନ ପ୍ରତ୍ୟାହୃତ କରିଛନ୍ତି। ଯଦି ୩୦ଦିନ ମଧ୍ୟରେ ଲିଖିତ ପ୍ରତିଶ୍ରୁତି କାର୍ଯ୍ୟକାରୀ ନ ହୁଏ ତେବେ ପୁଣି ଆମରଣ ଅନଶନ କରିବେ ବୋଲି ଲିଖିତ ଭାବେ ଜିଲା ଶିକ୍ଷାଧିକାରୀ, ଥାନାଧିକାରୀ ନାଉଗାଁ, ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ବିଡିଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଜିଲା ଶିକ୍ଷାଧିକାରୀ ବେହେରାଙ୍କ ଲିଖିତ ପ୍ରତିଶ୍ରୁତି ଅନୁସାରେ ତାଙ୍କଠାରୁ ଉକ୍ତ ନୋଟିସର ଲିଖିତ ଜବାବ ପାଇ ସାରିବା ପରେ ତାହାକୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ନିକଟକୁ ପ୍ରେରଣ କରାଯିବ। ତାହା ଉପରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଦର୍ଶାଯାଇଛି। ସେହିପରି ବିଡିଓ ରାଉତ ସିଆରସିସିଙ୍କ ନିକଟକୁ ପଠାଯାଇଥିବା କାରଣ ଦର୍ଶାଅ ନୋଟିସର ଉତ୍ତର ପାଇ ସାରିବା ପରେ ୩୦ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରତିଶ୍ରୁତି ପାଇବା ପରେ ଆମରଣ ଅନଶନ ପ୍ରତ୍ୟାହୃତ ହୋଇଛି। ଭବାନୀ ମିଶ୍ରଙ୍କ ଦାବି ମୁତାବକ, କଣ୍ଟୁଣିଆ ନୋଡାଲ ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ବହିଷ୍କାର, ସିଆରସିସିଙ୍କୁ ନିଲମ୍ବିତ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଓ ଉପସଭାପତିଙ୍କୁ କ୍ଷମତା ପ୍ରଦାନ।

ସୂଚନାଯୋଗ୍ୟ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନଇଚ୍ଛା କାର୍ଯ୍ୟ କରୁଥିବା ମିଶ୍ର ଲିଖିତ ଭାବେ ଜିଲା ଶିକ୍ଷାଧିକାରୀ ଜଗତ୍‌ସିଂହପୁର, ଉଚ୍ଚ ବିଦ୍ୟାଳୟରେ ଜୁଲାଇ ୧୨ରେ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି, ଉପସଭାପତି ଚୟନ କରାଯିବା ପାଇଁ ଆଲୋଚନା କରାଯାଇଥିଲା। ଜୁଲାଇ ୨୦ରେ ୧୨ ଜଣିଆ କମିଟି ଗଠନ ହୋଇଥବା ବେଳେ ଜୁଲାଇ ୨୩ରେ ପ୍ରଧାନ ଶିକ୍ଷକଙ୍କ ନୋଟିସ ମୁତାବକ ସରକାରଙ୍କ ନିୟମାନୁସାରେ ଜୁଲାଇ୨୫ରେ ନିର୍ବାଚନ କରାଯାଇ ସଭାପତି ଓ ଉପସଭାପତି ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ଜାମୁଗାଁ ସରପଞ୍ଚଙ୍କ ଉପସ୍ଥିତିରେ ନବ ନିର୍ବାଚିତ ସଭାପତି, ଉପସଭାପତିଙ୍କର ଫଟୋ ଓ ଦସ୍ତଖତ ନିଆଯାଇଥିଲା। କିନ୍ତୁ ଦୀର୍ଘ ୨ମାସରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ପ୍ରଧାନ ଶିକ୍ଷକ ଶଙ୍କର ସାହୁ ଉକ୍ତ କମିଟିକୁ ଆପ୍ରୁଭ କରୁନାହାନ୍ତି। ବିଦ୍ୟାଳୟର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ମନଇଚ୍ଛା କରାଯାଉଛି। ଯାହାକୁ ନବ ନିର୍ବାଚିତ ସଦସ୍ୟମାନେ ବିରୋଧ କରୁଛନ୍ତି।

### ଜଙ୍ଗଲରୁ ଯୁବକଙ୍କ ମୃତଦେହ ଜବତ

**ବୈଶିଙ୍ଗା,୨୫।୧୦(ରତନ ଦାଶ):** ବୈଶିଙ୍ଗା ଥାନା ଅଧୀନ ଗଡ଼ଦେଉଳିଆ ନିକଟସ୍ଥ ଜଙ୍ଗଲରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ହେଲେ ବାଲେଶ୍ୱର ସଦର ଥାନା ଅନ୍ତର୍ଗତ ସାହାଡ଼ା ଗାଁର ପାଗୁଲୁ ସିଂଙ୍କ ପୁଅ ଡୁମା। ଦୀର୍ଘଦିନ ହେଲା ସେ ଗଡଦେଉଳିଆ ଗ୍ରାମସ୍ଥିତ ଶ୍ୱଶୁର ଘରେ ଘର ଜ୍ୱାଇଁ ଭାବେ ରହିଆସୁଥିଲେ। ବୁଧବାର ସକାଳେ ନିତ୍ୟକର୍ମ ସାରିବାକୁ ଜଙ୍ଗଲ ଭିତରକୁ ଯାଇ ଆଉ ଫେରିନ ଥିଲେ।

## କୁମାର ଉତ୍ସବ ସମିତିର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ଉଦ୍‌ଘାଟିତ


ଶିକ୍ଷାବିତ୍ ଯୋଗେନ୍ଦ୍ର ଦାଶଙ୍କୁ କୁମାର ଉତ୍ସବ ସମ୍ମାନରେ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

**ତିର୍ତ୍ତୋଲ, ୨୫।୧୦ (ଗୌରାଙ୍ଗ ଚରଣ ସ୍ୱାଇଁ) :** ତିର୍ତ୍ତୋଲ ଅଞ୍ଚଳର ପୁରାତନ ସାଂସ୍କୃତିକ ଅନୁଷ୍ଠାନ କୁମାର ଉତ୍ସବ ସମିତିର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ବୁଧବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଜଗତ୍‌ସିଂହପୁର ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସମିତିର ସଭାପତି ବିମଳକାନ୍ତ ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଏମପି ଡା.ମଲ୍ଲିକ ଯୋଗଦେଇ ଏହି ଅନୁଷ୍ଠାନ ସୁବର୍ଣ୍ଣ ଜୟନ୍ତୀ ପାଳନ କରୁଥିବା ଏକ ଗୌରବର ବିଷୟ, ସାଂସ୍କୃତିକ ଜାଗରଣ ସୃଷ୍ଟି କରିବାରେ ଏହି ଅନୁଷ୍ଠାନ ସାରା ରାଜ୍ୟରେ ସୁପରିଚିତ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାରାଦୀପର ବିଧାୟକ ସମ୍ବିତ ରାଉତରାୟ, ଜଗତ୍‌ସିଂହପୁର ଜିଲାପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ, ଜିଲା ପରିଷଦ ଉପାଧ୍ୟକ୍ଷା ସୁଜାତା ମହାନ୍ତି, ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା, ଜିଲା ବିଜେଡିର ଉପସଭାପତି ଅଶ୍ୱିନୀ କୁମାର ଦାସ, ବ୍ଲକ ବିଜେଡି ସଭାପତି ତଥା ଜିଲାପରିଷଦ ସଭ୍ୟ ଗଙ୍ଗାଧର ବିଶ୍ୱାଳ, ତିର୍ତ୍ତୋଲ ସରପଞ୍ଚ ପ୍ରିୟମ୍ବଦା ମହାପାତ୍ର, ସମିତିସଭ୍ୟ ପ୍ରବୀର ରାୟ, ସମିତିର ଉପଦେଷ୍ଟା ବିଭୂତି ଭୂଷଣ ବିଶ୍ୱାଳ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଚଳିତବର୍ଷର କୁମାର ଉତ୍ସବ ସମ୍ମାନ ଶିକ୍ଷାବିତ ଯୋଗେଶ ଚନ୍ଦ୍ର ଦାଶଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ସମିତିର ଉପସଭାପତି ରାକେଶ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ନରେଶ ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସମିତି ପକ୍ଷରୁ ଶୁଖେନ୍ଦୁ ଦାଶ ପ୍ରମୁଖ ମଞ୍ଚାସୀନ ରହିଥିଲେ।





କୁଜଙ୍ଗ ଜେଏସଡବ୍ଲ୍ୟୁ ପକ୍ଷରୁ ପୂଜା ପାଇଥିବା ମା' ଦୁର୍ଗାଙ୍କ ମୂର୍ତ୍ତି। ଜଗତସିଂହପୁର ସହରରେ ମା' ଦୁର୍ଗାକୁ ଭସାଣି ଶୋଭାଯାତ୍ରାରେ ନିଆଯାଉଛି। ରଘୁନାଥପୁରରେ ମା' ଦୁର୍ଗାଙ୍କୁ ଭସାଣି ଲାଗି ଯାଉଛନ୍ତି। ବିରିଡିଠାରେ ଅନୁଷ୍ଠିତ ଭସାଣ ଶୋଭାଯାତ୍ରରେ ମା' ଦୁର୍ଗାଙ୍କୁ ଲୋକେ ନେଉଛନ୍ତି।

## ସଂକ୍ଷେପରେ

### କିଶୋର ରଥ ମାଷ୍ଟର ଏସୀୟ କ୍ରୀଡ଼ା ପାଇଁ ମନୋନୀତ



ପାରଳାଖେମୁଣ୍ଡି,୨୫।୧୦ (ଗିରିଧାରୀ ପରିଛା): ଅବକାରୀ ବିଭାଗର ଅବସରପ୍ରାପ୍ତ ସବ୍ ଇନିସପେକ୍ଟର କିଶୋର ଚନ୍ଦ୍ର ରଥ ଆଗାମୀ ମାଷ୍ଟର ଏସୀୟ କ୍ରୀଡ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଆସନ୍ତା ନଭେମ୍ବର ୮ରୁ ୧୨ ପର୍ଯ୍ୟନ୍ତ ଫିଲିପାଇନସ୍‌ରେ ହେଉଥିବା ଏସୀୟ କ୍ରୀଡା ପ୍ରତିଯୋଗିତାରେ ୧୦୦ ମିଟର ଟ୍ରିପଲ ଜମ୍ପରେ ସେ ଭାଗ ନେବେ। ଓଡିଶାରୁ ୮ ଜଣ ଯୋଗ୍ୟ କ୍ରୀଡାବିତଙ୍କ ମଧ୍ୟରୁ ରଥ ଅନ୍ୟତମ। ପୂର୍ବରୁ ବହୁ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡା ପ୍ରତିଯୋଗିତାରେ ଭାଗ ନେଇ ପଦକ ହାସଲ କରିଛନ୍ତି।

### ହିଞ୍ଜିଳିକାଟୁ ଉପ ଡାକଘରୁ ଚୋରି ଉଦ୍ୟମ

ହିଞ୍ଜିଳିକାଟୁ ୨୫।୧୦(ଦ୍ୱିତୀକୃଷ୍ଣ ପଣ୍ଡା): ହିଞ୍ଜିଳିକାଟୁ ଉପ ଡାକଘର ପରିସରରୁ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଲୁଟ୍ ଉଦ୍ୟମ କରିଛନ୍ତି। ଶନିବାର କର୍ମଚାରୀମାନେ ଚାବିପକାଇ ଯାଇଥିବା ବେଳେ ସୋମବାର ସକାଳେ ପାର୍ସଲ ଗାଡ଼ି ଆସି ସେଠାରେ ପହଞ୍ଚିବା ପରେ ମୁଖ୍ୟ କବାଟ ଖୋଲାଥିବା ଦେଖି ଦାୟିତ୍ୱରେ ଥିବା ପୋଷ୍ଟମାଷ୍ଟରଙ୍କୁ ଖବର ଦେଇଥିଲେ। ପୋଷ୍ଟମାଷ୍ଟର ସେଠାରେ ପହଞ୍ଚି ଦେଖିବା ବେଳେ ମୁଖ୍ୟ ଫାଟକ ଓ ଦ୍ୱିତୀୟ ଫାଟକ ସହ ଉପରମହଲାରୁ ଦୁର୍ବୃତ୍ତମାନେ ୯ଟି ତାଲା ଭାଙ୍ଗିଥିବା ସହ କାର୍ଯ୍ୟାଳୟ ପରିସରରେ ଥିବା ଲୁହା ଆଲମାରି କବାଟ ତାଡ଼ି ଦେଇଛନ୍ତି। ନଥିପତ୍ର ଓ ବିଭିନ୍ନ କାଗଜପତ୍ର ଏଣେତେଣେ ପଡ଼ିରହିଛି। ଏ ନେଇ ଉପ ଡାକଘର ଅଧିକାରୀ ଶ୍ରାବଣୀ ପ୍ରଧାନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି।

### ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ଖଜୁରିପଡ଼ା,୨୫।୧୦(ବିଦୁର ବେହେରା) ଖଜୁରିପଡ଼ା ଥାନା ଅନ୍ତର୍ଗତ ନୂଆଗାଁ ବାଉଁସୁନି ପୋଲରେ ବାଇକ୍ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ସମ୍ପେପଦର୍ ଗାଁର ଦୁର୍ବାସା ସେଠୀ ମଙ୍ଗଳବାର ସମ୍ପେପଦର ଗାଁକୁ ଫେରୁଥିବା ବେଳେ ବାଇକ୍‌ଟି ଭାରସାମ୍ୟ ହରାଇ ବାଉଁଶୁନି ପୋଲରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

### ଦିବ୍ୟା ମହାନ୍ତି ଛତ୍ରପୁର ତହସିଲଦାର



ଛତ୍ରପୁର,୨୫।୧୦ (ସନ୍ତୋଷ ପାଢୀ/ଦିଲ୍ଲୀପ ସାମଲ) : ଛତ୍ରପୁର ତହସିଲଦାର ଭାବେ ବୁଧବାର ଦିବ୍ୟା ମହାନ୍ତି ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ୨୦୧୮ ବ୍ୟାଚର ଓଏଏସ ଅଟନ୍ତି। ସେ ପୂର୍ବରୁ ବାଲେଶ୍ୱର ଜିଲାର ଡେପୁଟି କଲେକ୍ଟର ଭାବେ ଦାୟିତ୍ୱ ତୁଲାଉଥିଲେ। ପୂର୍ବରୁ ଛତ୍ରପୁର ତହସିଲଦାର ଭାବେ କାର୍ଯ୍ୟ କରୁଥିବା ପ୍ରକାଶ କୁମାର ମିଶ୍ରଙ୍କୁ ନବରଙ୍ଗପୁର ଉପଜିଲାପାଳ ଭାବେ ପଦୋନ୍ନତି ହେବା ପରେ ଅତିରିକ୍ତ ତହସିଲଦାର ସ୍ମୃତି ସୁଦର୍ଶନ ସାହୁ ଏହି ଦାୟିତ୍ୱ ତୁଲାଉଥିଲେ। ଦିବ୍ୟା ମହାନ୍ତି ଛତ୍ରପୁର ତହସିଲଦାର ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ କର୍ମଚାରୀମାନେ ତାଙ୍କୁ ସ୍ୱାଗତ କରିଛନ୍ତି।

# ‘ପଥ ଉତ୍ସବ’ରେ ଭୋଟର ତାଲିକା ସଂଶୋଧନ ସଚେତନତା

ଛତ୍ରପୁର,୨୫।୧୦ (ଦିଲ୍ଲୀପ ସାମଲ) :

ଗଞ୍ଜାମ ଜିଲାରେ ଅଧିକରୁ ଅଧିକ କିପରି ମତଦାନ, ଶତପ୍ରତିଶତ ମହିଳାମାନେ ମତଦାନ ସାବ୍ୟସ୍ତ କରିବା ଏବଂ ନୂତନ ଭୋଟରମାନେ କପରି ପଞ୍ଜୀକୃତ ହୋଇପାରିବେ ସେଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ୨୦୨୪ ଜାନୁଆରି ୫ ତାରିଖରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଏହା ପୂର୍ବରୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଭୋଟର ତାଲିକା ସଂଶୋଧାନ, ବାଦ, ସ୍ଥାନାନ୍ତର ଏବଂ ନୂତନ ଭୋଟରଙ୍କୁ ପଞ୍ଜୀକରଣ ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ସଚେତନତା ଜାରିରହିଛି। ଆସନ୍ତା ୨୭ରୁ ସ୍ୱତନ୍ତ୍ର ଭୋଟର ତାଲିକା



ପ୍ରସ୍ତୁତି ବୈଠକରେ ଉପଜିଲାପାଳଙ୍କ ସମେତ ଅନ୍ୟାନ୍ୟ ଅଧିକାରୀଗଣ।

ସଂଶୋଧନ ପାଇଁ ପ୍ରକ୍ରିୟା ରହିଛି। ଏହି ପରିପ୍ରେକ୍ଷୀରେ ୨୮ ତାରିଖରେ ‘ପଥ ଉତ୍ସବ’ ମାଧ୍ୟମରେ ସଚେତନତା କରାଯିବ। ଜିଲାର ସଦର ମହକୁମା, ବ୍ରହ୍ମପୁର, ଛତ୍ରପୁର ଓ ଭଞ୍ଜନଗର ୩ଟି ଉପଖଣ୍ଡ ଏବଂ ମହାନଗର ନିଗମଠାରେ ଏହି ‘ପଥ ଉତ୍ସବ’ ଆୟୋଜନ କରି ସଚେତନ କରାଯିବ। ଏହି ଅବସରରେ ଛତ୍ରପୁର ଉପଜିଲାପାଳ ଦେବଦତ୍ତ ମହନ୍ତଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଛତ୍ରପୁର ଏସଡିପିଓ ଗୌରୀଶଙ୍କର ସାହୁ, ଛତ୍ରପୁର ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସମ୍ବିତ ସଂଗ୍ରାମଜିତ ସାହୁ, ଛତ୍ରପୁର ବିଡିଓ ସୁଶାନ୍ତ କୁମାର ବରାଳ, ତହସିଲଦାର ଦିବ୍ୟା ମହାନ୍ତି, ଥାନା ଅଧିକାରୀ ନିରୋଦ କୁମାର ଦାଶ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ କଲ୍ୟାଣୀ ଦାସ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ପି.ପଦ୍ମା, ସିଡିପିଓ ପ୍ରଣମିତା ପଣ୍ଡା, ଓମ୍ ପ୍ରସାଦ ପରିଡା (ଓଆଇସି, ନିର୍ବାଚନ)ଙ୍କ ସମେତ ବିଭିନ୍ନ କଲେଜର କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ। ଛତ୍ରପୁର ଅରବିନ୍ଦ ସ୍କୁଲଠାରୁ ଅନସ୍ଲୋ ହାଇସ୍କୁଲ ମଧ୍ୟରେ ଥିବା ଭିଆଇପି ରୋଡ୍‌ରେ ସକାଳ ୭.୩୦ରୁ ୧୦ଟା ମଧ୍ୟରେ ଏହି ପଥ ଉତ୍ସବ ଅନୁଷ୍ଠିତ ହେବ।

# ପୋଲିସକୁ ଦେଖି ଦୌଡ଼ିବାବେଳେ କୂଅରେ ପଡ଼ି ଯୁବକଙ୍କ ମୃତ୍ୟୁ

ଭଞ୍ଜନଗର,୨୫।୧୦(ବାବୁଲା ପ୍ରଧାନ):

**୩ଟି ଘଟଣାରେ ୩ଜଣଙ୍କ ମୃତ୍ୟୁ**

ତାରସିଂ ଏବଂ ଭଞ୍ଜନଗର ଥାନା ଅଞ୍ଚଳରେ ୩ଟି ଘଟଣାରେ ୩ଜଣ ପ୍ରାଣ ହରାଇଛନ୍ତି। ପ୍ରଥମ ଘଟଣାଟି ତାରସିଂ ଥାନା ଅନ୍ତର୍ଗତ ବଦାଙ୍ଗି ଗ୍ରାମରେ ରବିବାର ରାତିରେ ଘଟିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସପିଟାଲକୁ ପଠାଇଦେଇଛି। ଦ୍ୱିତୀୟ ଘଟଣାଟି ଭଞ୍ଜନଗର ବସ୍‌ଷ୍ଟାଣ୍ଡରେ ଘଟିଛି। ଜଣେ ଅପରିଚିତ ବ୍ୟକ୍ତି ମଙ୍ଗଳବାର ରାତିରେ ପ୍ରାଣ ହରାଇଛନ୍ତି। ପୋଲିସ ବୁଧବାର ସକାଳେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସପିଟାଲକୁ ପଠାଇ ଦେଇଛି । ତୃତୀୟ ଘଟଣାଟି ମଙ୍ଗଳବାର ବିଳମ୍ବିତ ରାତିରେ ବାହାଡ଼ାପଦର ଗ୍ରାମରେ ଘଟିଛି। ଏଥିରେ ସନ୍ତୋଷ ବିଷୋୟୀ ପ୍ରାଣ ହରାଇଛନ୍ତି। ପ୍ରକାଶଯେ, ମଙ୍ଗଳବାର ରାତିରେ ପୋଲିସ ଜୁଆ ଆଡ୍ଡାରେ ଚଢ଼ାଉ କରିଥିଲା। ବାହାଡ଼ାପଦର ଗ୍ରାମକୁ ପୋଲିସ ପାଟ୍ରୋଲିଂ ଗାଡ଼ି ଯାଇଥିଲା। ଏହି ସମୟରେ ଲୋକେ ପ୍ରାଣ ବିକଳରେ ଦୌଡ଼ି ପଳାଇଥିଲେ। ପୋଲିସକୁ ଦେଖି ସେଠାରେ ଥିବା ସନ୍ତୋଷ ମଧ ଦୌଡ଼ି ପଳାଉଥିଲେ। ଏହି ସମୟରେ ଏକ କୂଅରେ ପଡ଼ିଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଗ୍ରାମବାସୀ ଖୋଜାଖୋଜି କରି ସନ୍ତୋଷଙ୍କ ମୃତଦେହ କୂଅରୁ ଉଦ୍ଧାର କରିଥିଲେ

# ଚାନ୍ଦିରେ ଶୋଭାପାଇବେ ମା’ ଲକ୍ଷ୍ମୀ

ପୁରୁଷୋତ୍ତମପୁର, ୨୫।୧୦ (ସୀମାଞ୍ଚଳ ମିଶ୍ର):

ପବିତ୍ର କୁମାର ପୂର୍ଣ୍ଣିମା ଲାଗି ପୁରୁଷୋତ୍ତମପୁର ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି। କୁମାରୀ ଯୁବତୀମାନେ ଜହ୍ନିଓଷା ବ୍ରତକୁ ଉଦଯାପନ ଲାଗି ଧୂମଧାମରେ ଲାଗିପଡିଥିବା ବେଳେ ବିଭିନ୍ନ ପୂଜା କମିଟି ପକ୍ଷରୁ ମା’ ଗଜଲକ୍ଷ୍ମୀଙ୍କ ପୂଜା ମଣ୍ଡପକୁ ଆକର୍ଷଣୀୟ କରିବା ଲଗି ତୋରଣ ଓ ମୂର୍ତ୍ତି ନିର୍ମାଣରେ ଲାଗିପଡିଛନ୍ତି। ସର୍ବପୁରାତନ ପୁରୁଷୋତ୍ତମପୁର ଏନଏସି ୱାର୍ଡ ନଂ ୯ ରଥସାହି ପୂଜା କମିଟି ପକ୍ଷରୁ ଅଧିକ ମାତ୍ରାରେ ଉତ୍‌କଣ୍ଠା ରହିଥିବା ଦେଖିବାକୁ ମିଳିଛି। ଦୀର୍ଘ ୪୭ ବର୍ଷ ଧରି ଏଠାରେ ପୂଜା ହୋଇ ଆସୁଥିବା ବେଳେ ପ୍ରଥମଥର ପାଇଁ ଚଳିତବର୍ଷ ଚାନ୍ଦି ମେଢ ନିର୍ମାଣ କରାଯିବ। କଟକର କାରିଗରଙ୍କୁ ନେଇ ସାଢେ ଛଅ କେଜିରୁ ଊର୍ଦ୍ଧ୍ୱ ରୁପାରେ ମା’ଙ୍କ ଚାନ୍ଦି କିରଟି, ଚୁଡି, ହାର, ପାଉଁଜି ଆଦି ଅଳଙ୍କାର ନିର୍ମାଣ କରିବାରେ ଲାଗିଥିବା ବେଳେ କାରିଗରମାନେ ମୂର୍ତ୍ତି ନିର୍ମାଣରେ

**ପୁରୁଷୋତ୍ତମପୁରରେ ପ୍ରଥମ**



ଲାଗିପଡିଛନ୍ତି। ରଥସାହି ଛକନିକଟରେ ୩୦ ଫୁଟ ଉଚ୍ଚତାରେ ଆକର୍ଷଣୀୟ ତୋରଣ ନିର୍ମାଣ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି।

### ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟରେ ତାଲା

ପୋଲସରା,୨୫।୧୦(ସୁବ୍ରତ ବେହେରା)

ପୋଲସରା ବ୍ଲକ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ଗେଟ୍‌ରେ ବୁଧବାର ତାଲା ଝୁଲିଥିବା ଦେଖିବାକୁ ମିଳିଥିଲା। ଏହା ପୂର୍ବରୁ ଶନିବାରଠାରୁ ଦୀର୍ଘ ୪ ଦିନ ଧରି ଦଶହରା ଛୁଟି ଅବସରରେ କାର୍ଯ୍ୟାଳୟ ବନ୍ଦ ରହିଥିବା ବେଳେ ବୁଧବାର ମଧ୍ୟ କାର୍ଯ୍ୟାଳୟରେ ତାଲା ଝୁଲିବା ସହ ଅଫିସ୍ ବନ୍ଦ ରହିଥିଲା। କୌଣସି କର୍ମଚାରୀମାନଙ୍କୁ ମଧ୍ୟ ଦେଖିବାକୁ ମିଳିନଥିଲା। ଏ ନେଇ ସମନ୍ୱିତ ଶିଶୁ ବିକାଶ ବିଭାଗ ଅଧିକାରିଣୀ ଭାରତୀ ମହାପାତ୍ରଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରିବାରୁ କୌଣସି ଉତ୍ତର ମିଳି ପାରିନଥିଲା। ଏହାକୁ ଦୃଷ୍ଟିରେ ରଖି ଉଚ୍ଚ ପଦସ୍ଥ ଅଧିକାରୀ ଏହାର ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି।

### ଲାଇନ୍ ମ୍ୟାନ୍ ଗୁରୁତର

ଚାନ୍ଦିପୁଟ,୨୫।୧୦(କେ ପ୍ରମୋଦ କୁମାର ଦୋରା) ଆକିଲି ଗ୍ରାମ ହରିଜନ ସାହିରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଲାଇନ୍ ମ୍ୟାନ ଗୁରୁତର ହୋଇଛନ୍ତି। ସେ ହେଲେ କିରଣ କୁମାର ନାୟକ। ଉକ୍ତ ସାହିରେ ବୈଦ୍ୟୁତିକ ତ୍ରୁଟିକୁ ସଜାଡ଼ିବା ପାଇଁ ନିୟୋଜିତ ଥିବା ଟିପିଏସଓଡିଏଲ କର୍ମଚାରୀ ତଥା ଲାଇନ୍ ମ୍ୟାନ କିରଣ ତାଙ୍କ ସହଯୋଗୀଙ୍କୁ ନେଇ ଯାଇଥିଲେ। ଟ୍ରାନ୍ସଫର୍ମର୍ ଉପରକୁ ଚଢ଼ିବାକୁ ଯିବା ପୂର୍ବରୁ ସ୍ଥାନୀୟ ଚନ୍ଦ୍ରଗିରି ଜୁନିୟର ଇଞ୍ଜିନିୟର ସଂଗ୍ରାମ ସାହୁଙ୍କୁ ଏଲସି ମାଗିଥିଲେ। କିନ୍ତୁ ସାହୁଙ୍କ ଅସାବଧାନତା ଯୋଗୁ ଏଲସି ମୋହନା ପଟୁ ଦେଇ ଚନ୍ଦ୍ରଗିରି କରେଣ୍ଟ ଚାର୍ଜ କରି କିରଣଙ୍କୁ ପୋଲ ଉପରକୁ ଚଢ଼ିବାକୁ ମୋବାଇଲ ମାଧ୍ୟମରେ ଜଣାଇଥିଲେ। ଫଳରେ କିରଣ ପୋଲ ଉପରେ ଚଢ଼ିଯିବାରୁ ବିଦ୍ୟୁତ ସଂସ୍ପର୍ଶରେ ଆସି ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ମୋହନା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ ସ୍ଥାନାନ୍ତର କରାଯାଇଛି।

# ସିପିଆଇ ଆଞ୍ଚଳିକ ଶାଖା ସମ୍ମିଳନୀ

ଗଞ୍ଜାମ,୨୫।୧୦(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ସିପିଆଇ ପକ୍ଷରୁ ମା’ ଏଲଏମା ମନ୍ଦିର ପ୍ରାଙ୍ଗଣରେ ଆଞ୍ଚଳିକ ଶାଖା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ଜିଲା ପରିଷଦ ସଭ୍ୟ ତଥା ବରିଷ୍ଠ ଆଇନଜୀବୀ କୈଳାସ ଚନ୍ଦ୍ର ପଲାଇ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ବରିଷ୍ଠ ସିପିଆଇ ନେତା ମୋଚିରାମ ତରାଇ ଲାଲ ପତାକା ଉତ୍ତୋଳନ କରିଥିଲେ। ଉତ୍କଳ ମହିଳା ସମିତି ନାରୀନେତ୍ରୀ ଏନ୍. ଭାନୁମତୀ ରେଡ୍ଡୀ, ଜିଲା ସହ ସମ୍ପାଦକ ନୀଳକଣ୍ଠ ଦାସ, ଗଞ୍ଜାମ ବ୍ଲକ କମିଟି ସମ୍ପାଦକ ଦଣ୍ଡପାଣି ପାତ୍ର, ସହ ସମ୍ପାଦକ ବିଶ୍ୱନାଥ ବିଶ୍ୱାଳ, ବରିଷ୍ଠ ସିପିଆଇ ନେତା ପୂର୍ଣ୍ଣଚନ୍ଦ୍ର ରଥ ପ୍ରମୁଖଙ୍କ ଉପସ୍ଥିତିରେ ଦଳର ସଙ୍ଗଠନର ଅଭିବୃଦ୍ଧି ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଅବସରରେ ସ୍ଥାନୀୟ ସିପିଆଇ ଦଳୀୟ ନେତା ଓ ବରିଷ୍ଠ ଚାଷୀଙ୍କୁ ନେଇ ଏକ କୃଷକ କମିଟି ଗଠନ କରାଯାଇଥିଲା। ଦାମୋଦର ବାରିକି, ମୋଚିରାମ ତରାଇ, ବୃନ୍ଦାବନ ରାଉଳ, ପି. ରାଜା ରେଡ୍ଡୀ, ସୁଦର୍ଶନ ପଲାଇ ପ୍ରମୁଖଙ୍କୁ କୃଷକ ନେତା ଭାବେ ଚୟନ କରାଯାଇଛି। ଅନ୍ୟପକ୍ଷେ ଶାଖା ସମ୍ପାଦକ ଭାବେ ପୁଣି ପୂର୍ଣ୍ଣଚନ୍ଦ୍ର ପଲାଇ, ସହ ସମ୍ପାଦକ ପ୍ରତାପ ବିଶ୍ୱାଳଙ୍କୁ ନିର୍ବାଚିତ କରାଯାଇଛି। କମ୍ପାନୀ ଶ୍ରମିକ ସଙ୍ଗଠନ ସମ୍ପାଦକ ସୀମାଞ୍ଚଳ ଘଡ଼େଇଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଓ ନେତା ଉପସ୍ଥିତ ଥିଲେ।

# ଯୁବ ଆଦିବାସୀ ଭାବବିନିମୟ କାର୍ଯ୍ୟକ୍ରମ

## ଲକ୍ଷ୍ନୌ ଅଭିମୁଖେ ଯାତ୍ରା କଲା କନ୍ଧମାଳ ଦଳ



କାର୍ଯ୍ୟକ୍ରମରେ ଭାଗ ନେଉଥିବା ଯୁବତୀ ଯୁବକ।

ଫୁଲବାଣୀ, ୨୫।୧୦ (ରାକେଶ କୁମାର ରାଉତ) ଆସନ୍ତା ୨୭ରେ ଲକ୍ଷ୍ନୌରେ ଯୁବ ଆଦିବାସୀ ଭାବବିନିମୟ କାର୍ଯ୍ୟକ୍ରମ ହେବ । ଏଥିପାଇଁ କନ୍ଧମାଳ ଦଳ ଲକ୍ଷ୍ନୌ ଅଭିମୁଖେ ଯାତ୍ରା କରିଛି । ସେଠାରେ ଏହି ଦଳ ଆଦିବାସୀଙ୍କ ଉପରେ ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେବ। ଏହି ପରିପ୍ରେକ୍ଷୀରେ ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ସଭାଗୃହରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ପ୍ରବୀଣ କୁମାର ବାଣୁଆ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ସିଆର୍‌ପିଏଫ୍ ଇନ୍‌ସପେକ୍ଟର ଶ୍ୟାମ ଖିଲୋ, ନେହେରୁ ଯୁବ କେନ୍ଦ୍ର ଅଧିକାରୀ ନବନୀତ କୁମାର ପ୍ରମୁଖ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଦଳରେ କୋଟଗଡ଼ ବ୍ଲକର ୨୦ ଆଦିବାସୀ ଯୁବତୀ ଯୁବକ ଓ ବାଲିଗୁଡ଼ା ବ୍ଲକର ୨୦ଜଣ ଯାତ୍ରା କରୁଛନ୍ତି। ଏସ୍କର୍ଟ ଭାବରେ ୧୨୭ ସିଆର୍‌ପିଏଫ୍ ବାଟାଲିୟନ ବାଲିଗୁଡ଼ାର ରାମ କୁମାର୍ ଶର୍ମା, ବି.ଗୌରୀ ଶଙ୍କର, ବିଳାସ ପଣ୍ଡା, ଏସ୍.କେ. ହୁସେନ ପ୍ରମୁଖ ଯାତ୍ରା କରୁଛନ୍ତି। ଏହି କାର୍ଯ୍ୟକ୍ରମ ୨ ତାରିଖ ଯାଏ ଚାଲିବ।

# ବିଜେଡିରେ ସାମିଲ ହେଲେ ତାମ୍ବୁଲିବାସୀ



**ଗୁମିକିଆ କଂଗ୍ରେସ ଗଡ଼ ଭୁଶୁଡ଼ିଲା**

ଦାରିଙ୍ଗବାଡ଼ି,୨୫।୧୦(ଅରୁଣ ସାହୁ)

ଦାରିଙ୍ଗବାଡ଼ି ବ୍ଲକ ଗୁମିକିଆ ପଞ୍ଚାୟତର ତାମ୍ବୁଲି ଗ୍ରାମବାସୀ ମଙ୍ଗଳବାର ଗାଁ ମୁଖିଆ ସାଙ୍ଗେରା ପ୍ରଧାନଙ୍କ ନେତୃତ୍ୱରେ ପ୍ରାୟ ୪୦ ଜଣ ମହିଳା ଓ ପୁରୁଷ କଂଗ୍ରେସ ଛାଡ଼ି ବିଜେଡିରେ ସାମିଲ ହୋଇଛନ୍ତି। ସେମାନେ ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନଙ୍କ ଗ୍ରାମ ଦାରିଙ୍ଗବାଡ଼ି ବ୍ଲକ ଶ୍ରାନିକେତା ପଞ୍ଚାୟତ ଟକରମାଲା ଗ୍ରାମରେ ପହଞ୍ଚିଥିଲେ। ସେଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ବିଧାୟକ ସାଲୁଗା ପ୍ରଧାନ ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନଙ୍କ ସମେତ ଜିଲା ପରିଷଦ ସଦସ୍ୟ ରଞ୍ଜନ ପ୍ରଧାନ, ବିଜେଡି ବ୍ଲକ ସଭାପତି ଜ୍ୟୋତିରାଜ ପ୍ରଧାନ, ଟିଡିସିସିଓଏଲର ରାଜ୍ୟ ଉପାଧ୍ୟକ୍ଷ ଦିଲୀପ କୁମାର ପ୍ରଧାନ, ବୁଢ଼ାଗୁଡ଼ା ସରପଞ୍ଚ ତାତୁରା ପ୍ରଧାନ, ସମିତିସଭ୍ୟ ଶ୍ରୀକାନ୍ତ ପ୍ରଧାନ, ଶ୍ରାନିକେତା ସରପଞ୍ଚ ଗଙ୍ଗାଧର ପ୍ରଧାନ, ପରମେ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ବିକାଶ ଏବଂ ସ୍ଥାନୀୟ ବିଧାୟକଙ୍କ ଅଞ୍ଚଳର ଉନ୍ନତି କାର୍ଯ୍ୟକୁ ନେଇ ବିଜେଡିରେ ସାମିଲ ହେଲୁ ବୋଲି ଅଞ୍ଚଳବାସୀ କହିଛନ୍ତି। ଗୁମିକିଆ କଂଗ୍ରେସ ଗଡ଼ ଭାବେ ଜଣାଶୁଣା ଥିବା ବେଳେ ଚଳିତ ନିର୍ବାଚନରେ ଅଞ୍ଚଳବାସୀ କଂଗ୍ରେସ ଛାଡି ବିଜେଡିରେ ସାମିଲ ହେବାକୁ ମନ ବଳାଇଛନ୍ତି। ପୂର୍ବରୁ ମଧ୍ୟ କେତେଜଣ କଂଗ୍ରେସ ଛାଡ଼ି ବିଜେଡିରେ ସାମିଲ ହୋଇଥିଲେ।

### ଥାନା ଅଧିକାରୀଙ୍କ ଯୋଗଦାନ



ପାରଳାଖେମୁଣ୍ଡି, ୨୫।୧୦ (ଗିରିଧାରୀ ପରିଛା): ଗଜପତି ଜିଲା ସଦର ମହକୁମା ପାରଳା ଖେମୁଣ୍ଡି ଆଦର୍ଶ ଥାନାର ନୂତନ ଥାନା ଅଧିକାରୀ ଭାବେ ପ୍ରଶାନ୍ତ ଭୂପତି ଯୋଗ ଦେଇଛନ୍ତି। ସେ ପୂର୍ବରୁ ଗଞ୍ଜାମ ଜିଲା ବ୍ରହ୍ମପୁର ବଡବଜାର ଥାନାର ଥାନାରେ ଅବସ୍ଥାପିତ ଥିଲେ। ଦାୟିତ୍ୱ ଗ୍ରହଣ ପରେ ନୂତନ ଥାନା ଅଧିକାରୀ କହିଛନ୍ତି, ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଞ୍ଚଳର ଶାନ୍ତି ଶୃଙ୍ଖଳା ବଜାୟ ରଖିବା ଏବଂ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରାଯିବ।

# ଗାଡ଼ି ଧକ୍କାରେ ବାଇକ୍ ଚାଳକ ମୃତ

ହିଞ୍ଜିଳିକାଟୁ, ୨୫।୧୦(ଦ୍ୱିତୀକୃଷ୍ଣ ପଣ୍ଡା):

ଗଞ୍ଜାମ ଜିଲା ହିଞ୍ଜିଳି ଥାନା ୫୯ ନମ୍ବର ଜାତୀୟ ରାଜପଥ ସାରୁ ଛକ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ସଡ଼କ ଦୁର୍ଘଟଣାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଧରାକୋଟ ଥାନା ଗଡଦାମୋଦରପଲ୍ଲୀ ଗ୍ରାମର କାହ୍ନୁଚରଣ ଜେନା। ପ୍ରକାଶ ଯେ, ମଙ୍ଗଳବାର ବିଳମ୍ବିତ ରାତିରେ କାହ୍ନୁ ଏକ ବାଇକ ଯୋଗେ ଗ୍ରାମକୁ ଫେରୁଥିବା ବେଳେ ସାରୁ ଛକ ନିକଟରେ ଅନ୍ୟ ଏକ ଗାଡି ତାଙ୍କୁ ଧକ୍କା ଦେଇ ଚମ୍ପଟ ମାରିଥିଲା। ଘଟଣା ସ୍ଥଳରେ କାହ୍ନୁଙ୍କ ମୃତ୍ୟୁ ଘଟିଥିଲା। ହିଞ୍ଜିଳି ପୁଲିସ ଦୁର୍ଘଟଣାଗ୍ରସ୍ତ ବାଇକ ଓ ମୃତଦେହ ଜବତ କରିଛି। ନିକଟସ୍ଥ ସିସିଟିଭି ଫୁଟେଜ ଯାଞ୍ଚ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ସମବାୟ ବ୍ୟାଙ୍କ କର୍ମଚାରୀ ସଂଘର ଆନ୍ଦୋଳନ

ପାରଳାଖେମୁଣ୍ଡି,୨୫।୧୦ (ଗିରିଧାରୀ ପରିଛା):

ଗଜପତି ଜିଲାରେ ଥିବା ସମସ୍ତ ସମବାୟ ବ୍ୟାଙ୍କ କର୍ମଚାରୀ ବୁଧବାରଠାରୁ ତିନିଦିନିଆ ଧର୍ମଘଟ ଆରମ୍ଭ କରିଛନ୍ତି। ରାଜ୍ୟ ସମବାୟ ବ୍ୟାଙ୍କ କର୍ମଚାରୀ ସଂଘର ଆହ୍ୱାନ କ୍ରମେ ଗଜପତି ଜିଲା ସଂଘ ବିଭିନ୍ନ ଦାବି ନେଇ ଆନ୍ଦୋଳନ ଡାକରା ଦେଇଛି। ଜିଲ୍ଲାର ସମସ୍ତ ସମବାୟ ବ୍ୟାଙ୍କ ସମ୍ମୁଖରେ କର୍ମଚାରୀ କାର୍ଯ୍ୟ ବନ୍ଦକରି ଆନ୍ଦୋଳନ ଜାରି ରଖିଛନ୍ତି। ପାରଳାଖେମୁଣ୍ଡିଠାରେ ଥିବା ବିସିସି ବ୍ୟାଙ୍କ ସମ୍ମୁଖରେ ମଧ୍ୟ ଆନ୍ଦୋଳନ ହୋଇଥିବା ଦେଖିବାକୁ ମିଳିଛି। ଦାବି ପ୍ରମୁଖ ମଧ୍ୟରେ ମୁଖ୍ୟତଃ ବିସିସି ବ୍ୟାଙ୍କରେ ସଂସୋଧନ, ପେନସନ କର୍ପସ ଫଣ୍ଡର କାର୍ଯ୍ୟକାରୀ, ସପ୍ତମ ପେ’ କମିଶନ ଲାଗୁ କରି ଏରିଅର ୨୦୧୬ରୁ ଲାଗୁ କରିବା ଦାବି ରହିଛି। ସରକାର ଦାବି ପୂରଣ ନକଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସଂଘର କର୍ମକର୍ତ୍ତାମାନେ କହିଛନ୍ତି ।

# ଜଗନ୍ନାଥପୁର ରେଳ ଫାଟକ ଉଭୟ ପାର୍ଶ୍ୱ ରାସ୍ତା ଦୁରବସ୍ଥା

ଛତ୍ରପୁର,୨୫।୧୦ (ଦିଲ୍ଲୀପ ସାମଲ/ସନ୍ତୋଷ ପାଢ଼ୀ):

ବ୍ରହ୍ମପୁର ଓ ଛତ୍ରପୁର ମଧ୍ୟବର୍ତ୍ତୀ ଜଗନ୍ନାଥପୁର ରେଳ ଷ୍ଟେଶନ ବ୍ରିଟିଶ ଶାସନ କାଳରୁ କାର୍ଯ୍ୟକରି ଆସୁଛି। କିନ୍ତୁ ଏହି ଷ୍ଟେଶନ ପ୍ରତି ରେଳବାଇର କ୍ରମାଗତ ଅବହେଳା ଦ୍ୱାରା ଜନସାଧାରଣ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। ବିଶେଷ କରି ରେଳବାଇ ଫାଟକର ଉଭୟ ପାର୍ଶ୍ୱ ରାସ୍ତା ଅତ୍ୟନ୍ତ କଦର୍ଯ୍ୟ ଅବସ୍ଥାରେ ପଡିରହିଛି। ରାସ୍ତାର ଉଭୟ ପାର୍ଶ୍ୱରେ ଖାଲଖମା ରହି ଯାନବାହନ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ବିଶେଷ କରି ସ୍ୱଳ୍ପ ବର୍ଷାରେ ଉକ୍ତ ଖାଲଗୁଡିକରେ ପାଣି ଜମି ରହିବା ଫଳରେ ବାଇକ ଆରୋହୀଙ୍କ



ରେଲୱେ ଲେଭଲ କ୍ରସିଂ ପାର ହେଉଛନ୍ତି ଲୋକେ।

ପାଇଁ ଗମନାଗମନରେ ବହୁ ସମସ୍ୟା ସୃଷ୍ଟି ହେଉଛି। ସବୁଠାରୁ ପରିତାପର ବିଷୟ ଯେ, ନା ରେଳ ବିଭାଗ ନା ରାସ୍ତା ବିଭାଗ ଏଥିପ୍ରତି ଦୃଷ୍ଟି ଦେଉଛନ୍ତି। ବିଶେଷ କରି ଏହି ରାସ୍ତା ଦେଇ ସରକାରୀ ଅଧିକାରୀ ଓ ବିଭିନ୍ନ ରାଜନେତା ପ୍ରତିଦିନ ଗତାଗତ କରୁଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଏଇ ରେଳ ଫାଟକ ବନ୍ଦଥିବା ବେଳେ ଶହଶହ ଯାନବାହନ ଉଭୟ ପାର୍ଶ୍ୱରେ ଅଟକି ଯାଇଥାଏ। ଏପରିକି ଆମ୍ବୁଲାନ୍ସ ମଧ ୧୦ରୁ ୧୫ମିନିଟ ଅଟକି ଯାଏ। ଫଳରେ ଗୁରୁତର ରୋଗୀଙ୍କ ପାଇଁ ସମସ୍ୟା ସୃଷ୍ଟି ହୁଏ। ଓଭରବ୍ରିଜ ନିର୍ମାଣ ପାଇଁ ବାରମ୍ବାର ଦାବି କରାଯାଉଥିଲେ ମଧ ଏହା କାର୍ଯ୍ୟକାରୀ ହେଉନାହିଁ। ତୁରନ୍ତ ଏ ସବୁ ସମସ୍ୟା ସମାଧାନ କରିବା ପାଇଁ ଅଞ୍ଚଳର ବରିଷ୍ଠ ନାଗରିକ ତଥା ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ଅନ୍ୟଥା ବରିଷ୍ଠ ନାଗରିକ ସଂଘ ସମୂହ ଜଗନ୍ନାଥପୁର ରେଳ ଷ୍ଟେଶନ ସମ୍ମୁଖରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିବେ ଏବଂ ପରିସ୍ଥିତି ପାଇଁ ସମ୍ପୃକ୍ତ ବିଭାଗ ଦାୟୀ ରହିବେ ବୋଲି ଚେତାବନୀ ଦେଇଛନ୍ତି।

# ରାସ୍ତା ଦାବିରେ ଶିକ୍ଷକଙ୍କ ଅନଶନ

ଭଞ୍ଜନଗର,୨୫।୧୦(ବାବୁଲା ପ୍ରଧାନ):

ଭଞ୍ଜନଗର ବ୍ଲକ ଲାଲସିଂ ପଞ୍ଚାୟତର ଅନେକ ରାସ୍ତା ଦୟନୀୟ ଅବସ୍ଥାରେ ଅଛି। ପଞ୍ଚାୟତ ନିର୍ବାଚନ ପରେ ନୂତନ ଲୋକ ପ୍ରତିନିଧିମାନ ରାସ୍ତାଘାଟରେ ଉନ୍ନତୀକରଣ କରିବେ ବୋଲି ଆଶା କରାଯାଉଥିଲା। କିନ୍ତୁ ତାହା ହୋଇପାରୁନାହିଁ। ରାସ୍ତା ଘାଟ ପାଇଁ ଟଙ୍କା ମହଜୁଦ୍ ଅଛି। କିନ୍ତୁ ସମନ୍ୱୟ ଅଭାବରୁ କାମ ହେଉନି। ଏଭଳି ସ୍ଥିତିରେ ଲାଲସିଂ ପଞ୍ଚାୟତବାସିନ୍ଦା ଅବସରପ୍ରାପ୍ତ ଶିକ୍ଷକ ସତ୍ୟ ନାରାୟଣ ସାହୁ ସୋମବାର ରାସ୍ତା ନିର୍ମାଣ ଦାବିରେ ଛେଦାଭୂମି ରାସ୍ତାରେ ଆମରଣ ଅନଶନରେ ବସିଥିଲେ। ସାଧାରଣ ଲୋକ ସତ୍ୟବାନଙ୍କୁ ସମର୍ଥନ ଜଣାଇଥିଲେ। ସେପଟେ ଦଶହରା ଚାଲିଥିବା ବେଳେ ଶିକ୍ଷକଙ୍କ ଏହିଭଳି ଆନ୍ଦୋଳନ ପଞ୍ଚାୟତରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ସରପଞ୍ଚ



ସତ୍ୟନାରାୟଣଙ୍କୁ ସରପଞ୍ଚ ଏବଂ ଅନ୍ୟମାନେ ବୁଝାଶୁଝା କରୁଛନ୍ତି ।

ଶିବରାମ ସାହୁ, ବ୍ଲକ ଉପାଧ୍ୟକ୍ଷଙ୍କ ପ୍ରତିନିଧି ଅନିଲ ରାଉତ, ସାମାଜିକର୍ମୀ ବିଷ୍ଣୁ ପ୍ରଧାନ, ଅନୁପମ ବାନାର୍ଜି ପ୍ରମୁଖ ଅନଶନସ୍ଥଳରେ ପହଞ୍ଚି ସାହୁଙ୍କୁ ବୁଝାଶୁଝା କରିବାରୁ ଆନ୍ଦୋଳନ ପ୍ରତ୍ୟାହୃତ କରିଥିଲେ। ସରପଞ୍ଚ ଏକ ଲିଖିତ ପ୍ରତିଶ୍ରୁତି ସାହୁଙ୍କୁ ଦେଇଛନ୍ତି । ଏଥିରେ ଉଲ୍ଲେଖ ରହିଛି ଯେ, ଆସନ୍ତା ୨ ତାରିଖରୁ ଆଦର୍ଶ ମାର୍ଗ ରାସ୍ତା କାମ ଆରମ୍ଭ ହେବ। ଏଥିସହ ଅନ୍ୟାନ୍ୟ ଦାବିଗୁଡ଼ିକ ପ୍ରତିବିଚାର କରାଯିବ । ଦାବିପୂରଣ ନହେଲେ ସାହୁ ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି କହିଛନ୍ତି। ଲାଲସିଂର ବରିଷ୍ଠ ନାଗରିକ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ କହିଛନ୍ତି ଯେ, ପଞ୍ଚାୟତବାସୀ ଯେଉଁ ଆଶା ଓ ବିଶ୍ୱାସ ନେଇ ଲୋକ ପ୍ରତିନିଧିମାନଙ୍କୁ ନିର୍ବାଚିତ କରିଥିଲେ ତାହା ବର୍ତ୍ତମାନ ବିଶ୍ୱାସଘାତ ହେଲାଭଳି ଲାଗୁଛି। ପଞ୍ଚାୟତରେ ଉନ୍ନତି ହୋଇପାରୁନାହିଁ।

**ସଂକ୍ଷେପରେ**

## ‘ପଲକ’ ସାହିତ୍ୟ ପତ୍ରିକା ଉନ୍ମୋଚିତ

**ପଟ୍ଟାମୁଣ୍ଡାଇ,୨୫।୧୦(ଅକ୍ଷୟ ବିଶ୍ୱାଳ):** ସାହିତ୍ୟ ସମାଜର ମଙ୍ଗଳ ସାଧନ କରିଥାଏ।ଅନେକ ଜୀବନ ଧର୍ମୀ ଗଳ୍ପ, କବିତା, ଶିଶୁ କବିତା ଓ ପ୍ରବନ୍ଧ ମଣିଷର ମନ ଓ ପ୍ରାଣକୁ ପୁଲକିତ କରେ ବୋଲି ଅତିଥିମାନେ କହିଛନ୍ତି । ଓଡ଼ିଶାର ପ୍ରତିଷ୍ଠିତ ସାହିତ୍ୟ ପତ୍ରିକା ‘ପଲକ’ର ଉନ୍ମୋଚନ ଉତ୍ସବ ପଟ୍ଟାମୁଣ୍ଡାଇ ଟାଉନ କ୍ଲବ ଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଗାଳ୍ପିକ ଓ ପ୍ରଧାପକ ଡ.ନୀଳମଣି ଲେଙ୍କାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଡ.ମନୋରଞ୍ଜନ ଦାଶ, ମୁଖ୍ୟବକ୍ତା ଭାବେ ଆରାଧନା ଦାଶ, ସମ୍ମାନିତ ଅତିଥି ଯୁବ ଉଦ୍ୟୋଗୀ ପ୍ରବୀଣ ବନ୍ଧ, ସମ୍ମାନିତ ବକ୍ତା ବିଶିଷ୍ଟ ଚିତ୍ର ଶିଳ୍ପୀ ରମେଶ ଦେଙ୍କ ସମେତ ବହୁ ସାହିତ୍ୟିକ ସଭାରେ ଯୋଗ ଦେଇଥିଲେ। ପଲକର ସମ୍ପାଦକ ଶଶୀକାନ୍ତ ଦାସ ଅତିଥି ପରିଚୟ ପ୍ରଦାନ କରିବା ସହିତ ପତ୍ରିକା ସମ୍ପର୍କରେ ଆଲୋକପାତ କରିଥିଲେ। ବିଶିଷ୍ଟ କବି ରାମକୃଷ୍ଣ ଦାଶ ପତ୍ରିକାର କଳେବର ଏବଂ ବିଭିନ୍ନ ଦୃଷ୍ଟିରୁ ପତ୍ରକାର ଗଳ୍ପ, କବିତା, ପ୍ରବନ୍ଧ ଓ ଶିଶୁଲେଖା ଇତ୍ୟାଦି ସହ ସଂଭ୍ରାନ୍ତ ପତ୍ରିକା ଭାବେ ଜନାଦୃତ ହେବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ଶେଷରେ ସୁମନ୍ତ କୁମାର ବେହୁରା ଧନ୍ୟବାଦ ଅର୍ପଣ କରିଥିଲେ ।

# ସମବାୟ ସମିତି ସମ୍ପାଦକଙ୍କ ଏକଚାଟିଆ ନୀତି

**ପଟ୍ଟାମୁଣ୍ଡାଇ, ୨୫।୧୦ (କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇ ଅଞ୍ଚଳର ପ୍ରାୟ ୮୦ ଭାଗ ଲୋକ କୃଷି ଉପରେ ନିର୍ଭର କରି ଚଳନ୍ତି। କୃଷିର ଉନ୍ନତି ହିଁ ଗ୍ରାମାଞ୍ଚଳ ଚାଷୀମାନଙ୍କ ଆର୍ଥିକ ମାନଦଣ୍ଡ ସୁଦୃଢ଼ କରି ପାରିବାକୁ ନେଇ କୃଷି ଉତ୍ପାଦନ ବୃଦ୍ଧି ପାଇଁ ରାଜ୍ୟ ସରକାର ସେବା ସମବାୟ ସମିତି ଜରିଆରେ ବିଭିନ୍ନ ଯୋଜନା କରି ଆସୁଛନ୍ତି। ମାତ୍ର ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଥିବା ୧୬ଟି ସେବା ସମବାୟ ସମିତିର ସମ୍ପାଦକମାନେ ଏକଚାଟିଆ ନୀତିରେ ଚାଲିଛନ୍ତି ବୋଲି କୃଷକମାନେ ଅଭିଯୋଗ କରିଛନ୍ତି।

କୃଷକ ନେତା ବିଜୟ ଦାସ କହିଛନ୍ତି, ପଟ୍ଟାମୁଣ୍ଡାଇ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ଅଧୀନରେ ୧୬ଟି ସମବାୟ ସମିତି ଅଛି। ସମବାୟ ଗ୍ରାମାଞ୍ଚଳ ଅର୍ଥନୀତିରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ତାର ସଭ୍ୟମାନଙ୍କୁ ଆର୍ଥିକ ଅନାଟନରୁ ସୁରକ୍ଷା, ବଳକା କୃଷିଜାତ ଦ୍ରବ୍ୟ ବିକ୍ରୟ ଏବଂ ପୁନଃ ବଣ୍ଟନ, ସମିତି ଜରିଆରେ ଉନ୍ନତ ବିହନ, ସାର, କୀଟନାଶକ ଔଷଧ, କୃଷି ଯନ୍ତ୍ରପାତି, ଅଳ୍ପ ସୁଧରେ ଋଣ ଓ ଆବଶ୍ୟକ ସମସ୍ତ ପାଦାର୍ଥ ସୁଲଭ ମୂଲ୍ୟରେ ଦେବା ପାଇଁ ସରକାର ଯୋଜନା କରିଛନ୍ତି। ମାତ୍ର ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଥିବା ସମବାୟ ସମିତିରେ ଏହା ବ୍ୟତିକ୍ରମ ଦେଖାଦେଉଛି। ସମ୍ପାଦକମାନେ ନିଜ ପକେଟ ଗରମ କରିବାରେ ବ୍ୟସ୍ତ ରହୁଛନ୍ତି। ସମିତିର

**ପଟ୍ଟାମୁଣ୍ଡାଇରେ କୃଷି ଯୋଜନା ହେଉଛି ବାଟମାରଣା**



ପଟ୍ଟାମୁଣ୍ଡାଇ ପ୍ରାଥମିକ ସମବାୟ ସମିତି।

ସମ୍ପାଦକମାନେ ସମିତିରେ ଅନୁପସ୍ଥିତ ରହି ପଟ୍ଟାମୁଣ୍ଡାଇ କେନ୍ଦ୍ର ସମବାୟ ବ୍ୟାଙ୍କରେ ଦିନତମାମ ରହି ଶାଖା ପରିଚାଳକଙ୍କୁ ହାତ କରି କୃଷକମାନଙ୍କ ପାଇଁ ଆସୁଥିବା ବିଭିନ୍ନ ଯୋଜନା ହଡପ କରୁଛନ୍ତି। ଯାହାର ପ୍ରମାଣ ବ୍ୟାଙ୍କରେ ଲାଗିଥିବା ସିସିଟିଭି କ୍ୟାମେରା ଯାଞ୍ଚ କଲେ ପ୍ରତ୍ୟୟମାନ ହୋଇପାରିବ ବୋଲି ସେ କହିଛନ୍ତି। ସେହିଭଳି ସମିତିସଭ୍ୟ ଅଭୟ ସ୍ୱାଇଁ କହିଛନ୍ତି, ରାଜ୍ୟ ଓ କେନ୍ଦ୍ର ସରକାର କୃଷିର ଉନ୍ନତି ସକାଶେ ସମବାୟ ଜରିଆରେ ବିଭିନ୍ନ ଯୋଜନା କରିଛନ୍ତି। ଚାଷୀ କିପରି ସ୍ୱାବଲମ୍ବୀ ହୋଇ ତା’ର ସାମାଜିକ ଅଭିବୃଦ୍ଧି ହୋଇପାରିବ ସେଥିନେଇ ଚେଷ୍ଟା ଜାରି ରଖିଛନ୍ତି। କିନ୍ତୁ ପଟ୍ଟାମୁଣ୍ଡାଇ ଅଞ୍ଚଳରେ କେତେଜଣ ଦୁର୍ନୀତି ଖୋର ସମ୍ପାଦକଙ୍କ ପାଇଁ କୃଷକମାନେ କୌଣସି ସୁବିଧା ପାଇ ପାରୁନାହାନ୍ତି। ବର୍ତ୍ତମାନ ଖରିଫ ଋତୁରେ ଧାନ ଚାଷ ଚାଲିଥିବା ବେଳେ ଚାଷି ସାର, ବିହନ, କୀଟ ନାଶକ ଔଷଧର ଆବଶ୍ୟକତା ରହିଛି। ମାତ୍ର ସମବାୟ ସମିତିରେ ସାର କି କୀଟନାଶକ ମିଳୁନାହିଁ। ଚାଷ ଆରମ୍ଭରୁ ବିହନ ବି ମିଳି ନ ଥିଲା। ଚାଷୀ ବିହନ ବଜାରରୁ ଆଣି ଚାଷ କରିଥିବା ବେଳେ ଏବେ ସାର ଚଢ଼ା ଦରରେ ବିଭିନ୍ନ ଦୋକାନରୁ କିଣୁଛନ୍ତି। ସମବାୟ ସମିତିରେ ଋଣ ପ୍ରଦାନ, ଋଣ ଛାଡ, ବୀମା ପ୍ରଦାନରେ ସମ୍ପାଦକମାନେ ହେରେଫେର କରି ନିଜ ପକେଟ ଗରମ କରୁଛନ୍ତି। ସେହିପରି ସାଧାରଣ ଚାଷୀମାନେ ଧାନ ମଣ୍ଡି ସକାଶେ ପଞ୍ଜୀକୃତ କରି ପାରୁ ନ ଥିବା ବେଳେ ସମ୍ପାଦକମାନେ ପକେଟ ଗରମ କରି ଅନ୍ୟମାନଙ୍କର ନାମ ପଞ୍ଜୀକରଣ କରିଥିବା ଅଭିଯୋଗ ହେଉଛି। ଏହାର ବିଧିବଦ୍ଧ ତଦନ୍ତ କରି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେଲେ ଚାଷୀକୁଳ ଉପକୃତ ହୋଇପାରିବେ।

କୃଷକ ନେତା ସହଦେବ ଦାଶ, ରମେଶ ପ୍ରଧାନ, କୁଳମଣୀ ବେହେରା, ଦାଶରଥି ସାହୁ, ସୁରେନ୍ଦ୍ର ପରିଡା, ପ୍ରତାପ ନାୟକ, ଲକ୍ଷ୍ମଣ ପ୍ରଧାନ, ଶିଶିର ଓଝା, ଅନ୍ତର୍ଯ୍ୟାମୀ ସ୍ୱାଇଁ, ହରେକୃଷ୍ଣ ବାରିକ, ଭମସେନ ବେହେରା, ରବୀନ୍ଦ୍ର ମଲିକ, ସୁଦର୍ଶନ ମଲିକ, ନରୋତମ ପାର୍ଥସାରଥି, ମାନସ ବେହେରା ପ୍ରମୁଖ କହିଛନ୍ତି, ତୃଣମୂଳ ସ୍ତରରେ ସମବାୟ ସମିତିଗୁଡ଼ିକରେ ବ୍ୟାପକ ଅନିୟମିତତା ସମବାୟ ସମ୍ପାଦକଙ୍କ ପାଇଁ ହେଉଛି। ସମ୍ପାଦକମାନେ ଯେଉଁଠାରେ ନିଯୁକ୍ତ ହୋଇଛନ୍ତି, ୪ଦିନ ପାଇଁ ସେହିଠାରେ ହିଁ କାମ କରୁଛନ୍ତି। ସମ୍ପାଦକ ବଦଳି ନ ହେବା ଦ୍ୱାରା କେତେକ ସ୍ଥାନରେ ଏକଚାଟିଆ ନୀତିରେ କାମ ଚାଲୁଛି। ସେହିଭଳି ଧାନ ଉଠାଣରେ ମଧ୍ୟ ସମ୍ପାଦକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥାଏ। ଏଭଳିସ୍ଥିତି ସମ୍ପାଦକଙ୍କର ବଦଳି ନ ହେବା ଫଳରେ ସ୍ଥଳେ ସ୍ଥଳେ ଅନିୟମିତତା ଦେଖାଦେଉଛି। ଯଦି ସରକାର ସମବାୟ ସମିତି ଆଇନ ୧୯୬୨ରେ ସଂଶୋଧନ କରି ଗୋଟିଏ ସମବାୟ ସମିତିରୁ ଅନ୍ୟ ଏକ ସମବାୟ ସମିତିକୁ ସମ୍ପାଦକ ବଦଳି କରାଯାଏ ତାହା ହେଲେ ସମିତିସ୍ତରରେ ସ୍ୱଚ୍ଛତା ଆସିବ ବୋଲି ସେମାନେ କହିଛନ୍ତି। ଏ ବାବଦରେ ଏଆରସିଏସ ସନ୍ତୋଷ ଦାଶଙ୍କୁ ପଚାରିବାରେ ସମ୍ପାଦକମାନେ ଦେଉଥିବା କାଗଜାତ ଆଧାରରେ ଚାଷୀମାନେ ସମସ୍ତ ଯୋଜନାରେ ଉପକୃତ ହେଉଛନ୍ତି ବୋଲି ସେ କହିଛନ୍ତି।

## ଚଉଦକୁଲାଟରେ ମା’ଙ୍କୁ ମେଲାଣି



**କେନ୍ଦ୍ରାପଡ଼ା, ୨୫।୧୦ (ଜଗନ୍ନାଥ ଧଳ):** କେନ୍ଦ୍ରାପଡ଼ା ଜିଲା ଚଉଦକୁଲାଟ ଅଞ୍ଚଳର ଚନ୍ଦନପୁର ଗ୍ରାମରେ ମା’ ଦୁର୍ଗାଙ୍କ ପୂଜାତ୍ସୋବ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ବୁଧବାର ଭସାଣି ଉତ୍ସବ ହୋଇଥିଲା। ମା’ ଦୁର୍ଗା ପୂଜା କମିଟି ପକ୍ଷରୁ ଆୟୋଜିତ ଉତ୍ସବରେ ମା’ଙ୍କ ମହାସପ୍ତମୀ, ମହାଷ୍ଟମୀ, ବିଜୟା ଦଶମୀ ଆଦି ପାରମ୍ପାରିକ ରୀତିନୀତିକୁ ପୁରୋହିତ ମନୋଜ ନନ୍ଦ ସମାପନ କରିଥିଲେ। ଏହି ସମୟ ଅବଧି ମଧ୍ୟରେ ଶ୍ରଦ୍ଧାଳୁମାନେ ମା’ଙ୍କୁ ଦର୍ଶନ କରିଥିଲେ। ସ୍ଥାନୀୟ ପୋଲିସ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ। ପୂଜା କମିଟିର କର୍ମକର୍ତ୍ତା ତପନ କୁମାର ଦାସ, ଗୋପବନ୍ଧୁ ସାହୁ, ରାଜକିଶୋର ସେଠୀ, ଦୋଳଗୋବିନ୍ଦ ସାହୁ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

## ଶିବାନନ୍ଦ ଆଶ୍ରମରେ ନବରାତ୍ର, କୁମାରୀ ପୂଜା



**କେନ୍ଦ୍ରାପଡ଼ା, ୨୫।୧୦ (ଜଗନ୍ନାଥ ଧଳ):** କେନ୍ଦ୍ରାପଡ଼ା ସହର ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମ ପରିସରରେ ଶାରଦୀୟ ନବରାତ୍ର ଓ କୁମାରୀ ପୂଜନ କାର୍ଯ୍ୟକ୍ରମ ମଙ୍ଗଳବାର ସମାପ୍ତ ହୋଇଛି। ଏ ସମ୍ପର୍କରେ ଆଶ୍ରମ ଅଧକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦଜୀ କହିଛନ୍ତି ଯେ, ବିଶ୍ୱଶାନ୍ତି ଓ ଦୁଷ୍ଟନାଶନ ପାଇଁ ଆଶ୍ରମରେ ନବଦୁର୍ଗା ବ୍ରତ ପାଳନ ହୋଇଥିଲା। ଏଥିର କୁମାରୀ ପୂଜନକୁ ଅଗ୍ରାଧିକାର ଦିଆଯାଇଛି। ସୃଷ୍ଟିର ଆବହମାନ କାଳରୁ ଭାରତୀୟ ସଂସ୍କୃତି ମାତୃଶକ୍ତିକୁ ଗୁରୁତ୍ୱ ଦେଇଥିବା ଏହି ଅବସରରେ ଅଧକ୍ଷା ଦିବ୍ୟସ୍ୱାରୂପାନନ୍ଦଜୀ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସ୍ୱାମୀ ଶରଣାନନ୍ଦଙ୍କ ସମେତ ବିଭିନ୍ନ ଆଶ୍ରମର ଶ୍ରଦ୍ଧାଳୁ ଭାଗ ନେଇଥିଲେ।

## ଶାନ୍ତିଶୃଙ୍ଖଳାର ସହ ସରିଲା ଦୁର୍ଗାପୂଜା


ଦୁର୍ଗାପୂଜାରେ ଉପସ୍ଥିତ ଶ୍ରଦ୍ଧାଳୁ।

**ରାଜନଗର,୨୫।୧୦(ଭାସ୍କର ରାଉତରାୟ):** ରାଜନଗରର ସବୁଠୁ ବଡପର୍ବ ଓ ଗଣପର୍ବ ଦଶହରା ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି। ଚଳିତ ବର୍ଷ ରାଜନଗର ଓ ଗୋପାଳପୁର ବଜାରରେ ୨୧ଟି ଓ ଜରିମୂଳରେ ୮ଟି ମେଢ ହୋଇଥିବା ବେଳେ ମଦନପୁର, ଓକିଲପାଳ, ଗୁପ୍ତି, ତାଳଚୁଆ, ଦୋଳସାହି, ପଟ୍ଟାପାରିଆ, ଜୁନୁସନଗର, ଈଶ୍ୱରପୁର, ଘଡିଆମାଳ, ଡାଙ୍ଗମାଳ, ମୋଟ୍ ୪୫ଟି ମେଢ ହୋଇଛି। ଦେବୀଘରେ ଥାନପତି ମା’ ଦୁର୍ଗାଙ୍କ ସହିତ ଗଳିଦାଣ୍ଡରେ ମା’ବନଦୁର୍ଗା, ଜଗନ୍ନାଥ ବଜାରରେ ମା’ଲକ୍ଷ୍ମୀ, ବଜାର ଦାଣ୍ଡରେ ରାଧାକୃଷ୍ଣ, ଟାଉନ୍ କ୍ଲବରେ ଶିବ ପାର୍ବତୀ, ପରିବା ମାର୍କେଟରେ ବିଶ୍ୱରୂପ, ପୁରୁଣାବଜାରରେ ହରଗୌରୀ, ଅନନ୍ତଶୟନ ବଜାରରେ ଅନନ୍ତ ଶୟନ, ତହସିଲ ଛକରେ ଲକ୍ଷ୍ମୀନାରାୟଣ, ମାଛ ମାର୍କେଟ୍‌ରେ ଗଙ୍ଗାମାତା, ଥାନାରେ ଥାନାମେଢ, ପୋଲ ପାଖରେ ବଜରଙ୍ଗବଲୀ ହନୁମାନ, ତାରିଣୀ ଛକରେ ମା’ଧନଲକ୍ଷ୍ମୀ, ନୂଆ ମାର୍କେଟରେ ଗଜାନନ ମେଢ, ସରସ୍ୱତୀ ମେଢ, ରାଜନଗର ଘାଟରୋଡରେ ଓଁ ଅନନ୍ତ ବାସୁଦେବ ମେଢ, ବ୍ୟାଙ୍କ ଛକରେ ଗଣପତି ମେଢ, ତ୍ରିନାଥ ବଜାରରେ ତ୍ରିନାଥ,ମେଢ, ସାନବଡ ଗୋପାଳପୁରର ଛକରେ ମା’ଶାରଳା ଓ ଗର୍ତେଶ୍ୱରନଗର ନିକଟରେ ହରପାର୍ବତୀ ମେଢ ସାଙ୍ଗକୁ ଆକର୍ଷଣୀୟ ତୋରଣ ଓ ଆଲୋକ ସଜ୍ଜା ପୂଜା ଉତ୍ସବକୁ ସରସ ସୁନ୍ଦର କରିଥିଲା। ପୋଲିସ ପକ୍ଷରୁ ଶାରଦୀୟ ଦୁର୍ଗା ପୂଜା ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସକାଳ ୮ ଟାରୁ ରାତି ୧୦ଟା ଯାଏଁ କୌଣସି ଯାନ ବଜାର ମଧ୍ୟକୁ ଛଡା ଯାଇ ନ ଥିଲା।

## ଜରିମୂଳରେ ରାବଣପୋଡ଼ି ଉତ୍ସବ



**ରାଜନଗର,୨୫।୧୦(ଭାସ୍କର ରାଉତରାୟ):** ଉପକୂଳ ଓଡିଶାର ଅନ୍ୟତମ ଶକ୍ତିପୀଠ ବାରଗାଁର ଜରିମୂଳ ଠାରେ ମା’ଦୁର୍ଗାଙ୍କ ପାର୍ବଣ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବିଜୟଦଶମୀ ସନ୍ଧ୍ୟାରେ ଜୟ ମା’ମଙ୍ଗଳା ଶାରଦୀୟ ଦୁର୍ଗାପୂଜା କମିଟି ପକ୍ଷରୁ ରାବଣପୋଡି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅସତ୍ୟ ଉପରେ ସତ୍ୟର ଜୟ, ଅଧର୍ମ ଉପରେ ଧର୍ମର ଜୟ ଯୁଗେ ଯୁଗେ ରହି ଆସିଛି। ମା’ଙ୍କ କରୁଣାରୁ ରାଜନଗରବାସୀ ସୁଖ ଓ ସମୃଦ୍ଧିରେ ଜୀବନ ଯାପନ ପାଇଁ ମା’ଙ୍କ ନିକଟରେ ପ୍ରାର୍ଥନା କରିବା ସହ ରାବଣ ଦେହରେ ଅଗ୍ନି ସଂଯୋଗ କରିଥିଲେ। ପୂଜା କମିଟିର ସଭାପତି ତଥା ଚାନ୍ଦିବାଉଁଶମୂଳ ସରପଞ୍ଚ ଚିତ୍ତ ରଞ୍ଜନ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଶାନ୍ତି କମିଟିର ଅଧ୍ୟକ୍ଷ ତଥା ତହସିଲଦାର ଅଜୟ କୁମାର ମହାନ୍ତି, ଆଇଆଇସି ଅଜୟ କୁମାର ଜେନା, ଜିଲ୍ଲାପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, କେନ୍ଦ୍ରାପଡ଼ା ଜିଲା ଓବିସି ସେଲ ସଭାପତି ବିଜୟ ନାୟକ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଅରୁଣ କୁମାର ସାହୁ, ସମିତିସଭ୍ୟା ସସ୍ମିତା ସ୍ୱାଇଁ, ମହିଁଷାସୁର ପଞ୍ଚାୟତ ସରପଞ୍ଚ ଅଶୋକ କୁମାର ମହାନ୍ତି, କଣ୍ଡିରା ପଞ୍ଚାୟତର ସମିତିସଭ୍ୟ ଆର୍ତ୍ତବନ୍ଧୁ ମହାନ୍ତି, ଅଧ୍ୟାପିକା ଭଗବତୀ ନାୟକ, ଚାନ୍ଦିବାଉଁଶମୂଳ ସେବା ସମବାୟ ସମିତିର ସଭାପତି ଧ୍ରୁବ ଚରଣ ମହାନ୍ତି, ବ୍ଲକ ବିଜେଡି ସଧାରଣ ସମ୍ପାଦକ ନରହରି ଜେନା, ପଞ୍ଚାୟତ ସଭାପତି କାହ୍ନୁ ଚରଣ ଚଣ୍ଡ, କମିଟିର ମୁରବୀ ଜୟୀରାମ ରାଉତ, ସରୋଜ କୁମାର ରାଉତ, ଲିଜାରାଣୀ ବିଶ୍ୱାଳ, ପାରେଶ୍ୱର ପାତ୍ର ପ୍ରମୁଖ ଯୋଗଦେଇଥିଲେ। ରାବଣପୋଡି ଉତ୍ସବକୁ ଦେଖିବା ପାଇଁ ୧୦ହଜାରରୁ ଅଧିକ ଶ୍ରଦ୍ଧାଳୁ ଭିଡ଼ ଜମାଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ଓ ଅଗ୍ନିଶମ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ହାତକୁ ନିଆଯାଇଥିଲା।

## ସପ୍ତମୀରେ ସ୍ୱାମୀ,ଦଶହରାରେ ସ୍ତ୍ରୀ ଆଖି ବୁଜିଲେ

**ମୃତ୍ୟୁ ଏମିତି ବି ଆସେ**



**ଆଳି,୨୫।୧୦(ବନମାଳୀ ସେନାପତି):** ଦୁର୍ଗାପୂଜା ପାଇଁ କେନ୍ଦ୍ରାପଡ଼ା ଜିଲା ଆଳିର ବିଭିନ୍ନ ଅଞ୍ଚଳ ଉତ୍ସବ ମୁଖର ହୋଇପଡିଥିଲା। ହେଲେ ସାହୁପଡ଼ା ଗ୍ରାମରେ ଏକ ଦମ୍ପତିଙ୍କ ପରଲୋକ ଶୋକାକୁଳ ପରିବେଶ ସୃଷ୍ଟି କରିଥିଲା। ଦୁର୍ଗାପୂଜାର ସପ୍ତମୀ ଦିନ ରାତିରେ ସାହୁପଡ଼ା ଗ୍ରାମର ବିଜୟ ଖଣ୍ଡୁଆଳଙ୍କ ହୃଦ୍‌ଘାତରେ ପରଲୋକ ଘଟିଥିଲା । ଏହି ଦୁଃଖରେ ବିଜୟଙ୍କ ସ୍ତ୍ରୀ ସୁଷମା ଭାଙ୍ଗି ପଡିଥିଲେ । ଏହାର ୨ ଦିନ ପରେ ଅର୍ଥାତ୍ ଦଶହରା ଦିନ ତାଙ୍କର ବି ପରଲୋକ ଘଟିଥିଲା । ଏଭଳି ଦୁଃଖଦ ଘଟଣା ସ୍ଥାନୀୟ ଲୋକଙ୍କୁ ସ୍ତବ୍ଧ କରିଦେଇଥିଲା ।

ସୂଚନା ଅନୁଯାୟୀ, ସାହୁପଡ଼ା ଗ୍ରାମର ବିଜୟ(୬୨) ଗତ ୨୧ ତାରିଖ ରାତିରେ ଟିଭିରେ ବିଶ୍ୱକପ୍ ମ୍ୟାଚ୍ ଦେଖିଥିଲେ। ଏହାପରେ ସେ ରାତ୍ରି ଭୋଜନ କରିଥିଲେ। ଶୋଇବାକୁ ଯିବା ପୂର୍ବରୁ ସେ ପରିସ୍ରା କରିବାକୁ ଯାଇ ଥିବା ବେଳେ ହଠାତ୍ ହୃଦ୍‌ଘାତର ଶୀକାର ହୋଇଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ଆଳି ଡାକ୍ତରଖାନା ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରଦିନ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତେବେ ସ୍ୱାମୀଙ୍କ ଜୁଇ ଜଳୁଥିବା ଦେଖି ସ୍ତ୍ରୀ ସୁଷମା(୫୭) ମାନସିକ ଭାରସାମ୍ୟ ହରାଇ ବସିଥିଲେ। ଏପରି ଦୁଃଖରେ ତାଙ୍କର ମସ୍ତିଷ୍କଘାତ ହୋଇଥିଲା। ତାଙ୍କୁ ପ୍ରଥମେ ଆଳି ଓ ପରେ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ଗତ ମଙ୍ଗଳବାର ଦଶହରା ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିଲା। ଏପରି ଘଟଣାରେ ପରିବାର ଲୋକଙ୍କ ସହ ଗ୍ରାମବାସୀ ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି ।

## ମେଲାଣି ନେଲେ ମା’ ଦୁର୍ଗା

**ଡେରାବିଶ,୨୫।୧୦(ବେବର୍ତ୍ତା ଅଜୟ ଦାସ)**

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ୍ ଅଞ୍ଚଳରେ ଭସାଣୀ ଉତ୍ସବ ବୁଧବାର ମଧାହ୍ନରେ ଶେଷ ହୋଇଛି । ବ୍ଲକ୍ ଅଧୀନ ଏଣ୍ଡର, ତିଲଙ୍ଗ, ଛଚିଣା, କୁଆଁରପୁର, ବିଶୋକ, ଛାଞ୍ଚୁଣିଆ, ହଳଦିଆପାଟଣା, ଛୋଟି, ଘଣ୍ଟପଦା,ପଲେଇ ନାଲୁବାବା ମଠ, ସବଳଙ୍ଗ କଣିପଡା ସାଥି ସମାଜ ପରିସର, ଖରିଦାସାହି, ମୁକୁନ୍ଦପୁର ଓ ଭୋଳହାଟଠାରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ମା’ଙ୍କର ସାର୍ବଜନୀନ ପୂଜା ପାଇଁ ଉପରୋକ୍ତ ପୂଜା ମଣ୍ଡପ ଚଳଚଞ୍ଚଳ ହୋଇ ଉଠିଥିଲା। ପୂଜା ଓ ଭସାଣୀ ଉତ୍ସବରେ ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଡେରାବିଶ ଥାନା, ନିକିରେଇ ଥାନା ଓ କେନ୍ଦ୍ରାପଡ଼ା ସଦର ଥାନା ପକ୍ଷରୁ ପୋଲିସ ବ୍ୟବସ୍ଥା କରାଯାଇଥିଲା ।

## ପଟ୍ଟାମୁଣ୍ଡାଇରେ ଦୁର୍ଗାଙ୍କ ଭସାଣି

**ପଟ୍ଟାମୁଣ୍ଡାଇ,୨୫।୧୦(କଳ୍ପତରୁ ନାୟକ):** ମା’ ଦୁର୍ଗାଙ୍କ ଭସାଣି ଯାତ୍ରା ପଟ୍ଟମୁଣ୍ଡାଇରେ ବୁଧବାର ପୂର୍ବାହ୍ନରୁ ଆରମ୍ଭ ହୋଇଛି । ବାଲିପଡା ଘାଟଠାରେ ବିସର୍ଜନ ପର୍ବ ଚାଲିଛି। ପଟ୍ଟାମୁଣ୍ଡାଇ ପୌରପ୍ରଶାସନ ପକ୍ଷରୁ ବାଲିପଡ଼ାଠାରେ କୃତ୍ରିମ ପୋଖରୀ ପ୍ରସ୍ତୁତ କରାଯାଇଛି। ସେହି ଅସ୍ଥାୟୀ ପୋଖରୀରେ ୨୫ରୁ ଉର୍ଦ୍ଧ୍ୱ ମଣ୍ଡପରେ ପୂଜା ପାଉଥିବା ମୃଣ୍ମୟୀ ମୂର୍ତ୍ତି ବିସର୍ଜିତ ହେବ। ପଟ୍ଟାମୁଣ୍ଡାଇରେ ଏଥିଲାଗି ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଭସାଣୀ ଉତ୍ସବକୁ କିଏ କି ଭଳି ଜାକଜମକରେ ପାଳିବ ସେଥିନେଇ ପ୍ରତିଯୋଗିତା ଆରମ୍ଭ ହୋଇଛି। ଏଭଳି ସ୍ଥିତିରେ ପୋଲିସ ପ୍ରଶାସନ ପକ୍ଷରୁ ଭସାଣୀ ଉତ୍ସବକୁ କଟକଣାର ସହ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦ୍ରାପଡ଼ା ଏସ୍‌ପି ମଡକର ସନ୍ଦିପ ସମ୍ପଦ ପଟ୍ଟାମୁଣ୍ଡାଇ ଆସି ଆଇନଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିବା ସହିତ ବିଭିନ୍ନ ମେଢ ପରିଦର୍ଶନ କରିଛନ୍ତି। ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ କ୍ଷମାସାଗର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଥାନା ଆଇଆଇସି ରଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଏହି ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ୧୩ଟି ମେଢ ବିସର୍ଜନ ସରିଛି ।

## ସବୁଠି ଭସାଣି ଉତ୍ସବ ...


ଡେରାବିଶ




ପଟ୍ଟାମୁଣ୍ଡାଇ


କେନ୍ଦ୍ରାପଡ଼ା


ପାଟକୁରା

## ସଂକ୍ଷେପରେ

### ବିଶ୍ୱଶାନ୍ତି ବୈଦିକ ମହାଯଜ୍ଞ ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପିତ

**ଖଣ୍ଡପଡ଼ା,୨୫।୧୦ (ଅଜୟ କୁମାର ମହାରଣା)**

କଣ୍ଟିଲୋ ପାଣ୍ଡସାହୁ ପାଟଣାଠାରେ ଗତ ୧୮ ତାରିଖୁ ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ବୈଦିକ ମହାଯଜ୍ଞ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ଗ୍ରାମରେ ୧୯୭୪ ମସିହାଠାରୁ ଦୀର୍ଘ ୫୦ ବର୍ଷ ଧରି ଏହି ମହାଯଜ୍ଞ ପାରମ୍ପରିକ ରୀତିରେ ଦଶହରା ସମୟରେ ଅନୁଷ୍ଠିତ ହୋଇ ଆସୁଛି। ଏହି ଅବସରରେ ପ୍ରତ୍ୟହ ବେଦ ଯଜ୍ଞ, ଅହୋରାତ୍ର ଅଷ୍ଟ ପ୍ରହର ନାମ ଯଜ୍ଞ, ସନ୍ଧ୍ୟାରେ ଆମନ୍ତ୍ରିତ ସାଧୁ ଓ ବିଦ୍ୱାନ ମଣ୍ଡଳୀ ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡା, କୁନି ପ୍ରବଚକ କେଶବ ଦାସ ଦ୍ୱିତୀକୃଷ୍ଣ ପ୍ରମୁଖଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ରାତିରେ ରାବଣ ପୋଡ଼ି ଦୃଶ୍ୟ ଉପଭୋଗ କରିବା ପାଇଁ ଅଞ୍ଚଳବାସୀଙ୍କ ସମାଗମ ହୋଇଥିଲା। ବୁଧବାର ପୂର୍ବାହ୍ଣରେ ନଗରକୀର୍ତ୍ତନ ସହ ବାଲ୍ୟଲୀଳା ଓ ସନ୍ଧ୍ୟାରେ ଲୋକନୃତ୍ୟ ଘୋଡ଼ାନାଚ ଏବଂ ମ୍ୟାଜିକ୍ ସୋ ପରିବେଷଣ କରାଯାଇଥିଲା।

### ଦନ୍ତା ଭୟ, ଗଛରେ ପିଟି ହୋଇ ଜଣେ ଗୁରୁତର

**ରଣପୁର,୨୫।୧୦ (ସୁକାନ୍ତ କିଶୋର ଡାକୁଆ)**

ସୋମବାର ଖାଡପଡ଼ା ପଞ୍ଚାୟତ ବୋକାଖାଇ ଗ୍ରାମ କାଜୁ ଜଙ୍ଗଲରେ ଦନ୍ତାହାତୀ ଆକ୍ରମଣରେ ଜଣେ ଗୁରୁତର ହୋଇଛନ୍ତି । ଆହତ ହେଲେ ସେହି ଗ୍ରାମର ସର୍ବେଶ୍ୱର ଦାମଲ(୫୦) । ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସ୍ଥାନୀୟ ଲୋକଙ୍କ କହିବା କଥା ଦନ୍ତାକୁ ଦେଖି ସର୍ବେଶ୍ୱର ଦୌଡି ପଳାଇବାକୁ ଚେଷ୍ଟା କରିଥିଲେ। ହେଲେ ସେ ଗଛରେ ପିଟି ହୋଇ ଗୁରୁତର ହୋଇଛନ୍ତି।

### ବାଇକ୍ ସହ ୨୫ ଗ୍ରାମ୍ ବ୍ରାଉନସୁଗାର ଜବତ, ୨ ବ୍ୟବସାୟୀ ଜେଲ ଗଲେ

ନୟାଗଡ଼/ରଣପୁର,୨୫।୧୦(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

ରଣପୁର ଥାନାର ରଣପୁର ମଣିନାଗ ଛକରେ ରଣପୁର ଅବକାରୀ ବିଭାଗର କର୍ମଚାରୀମାନେ ଚଢ଼ାଉ କରି ବାଇକ ସହ ୨୫ ଗ୍ରାମ ବ୍ରାଉନସୁଗାର ଜବତ କରିଛନ୍ତି । ଏହି ଘଟଣାରେ ବ୍ରାଉନସୁଗାର ବ୍ୟବସାୟୀ ଗୋପାଳପୁର ଗାଁର ସୁରଜିତ ସ୍ୱାଇଁ (୨୭) ଓ ସୁକାନ୍ତ ସାହୁ(୩୦)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ଦୁଇ ଅଭିଯୁକ୍ତ ମଙ୍ଗଳବାର ଜେଲ ଯାଇଛନ୍ତି। ଉଭୟ ଅଭିଯୁକ୍ତ ଓଡି୦୨ଜେଡ୨୬୧୫ ନମ୍ବର ବାଇକ୍‌ରେ ବ୍ୟବସାୟରେ ବ୍ୟବହାର କରୁଥିଲେ । ଅବକାରୀ ବିଭାଗ ପକ୍ଷରୁ ୧୨୨/୨୦୨୩-୨୪ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲୁ ରହିଛି ।

### ପୋଲିସ ମୁତୟନ ସତ୍ତ୍ୱେ ବାଇକ୍ ଚୋରି

**ନୟାଗଡ଼,୨୫।୧୦(ଲୋକନାଥ ମିଶ୍ର)**

ନୟାଗଡ଼ ସାର୍ବଜନୀନ ଦୁର୍ଗାପୂଜା ମେଢ଼ ନିକଟରେ ପୋଲିସ ମୁତୟନ ସତ୍ତ୍ୱେ ବାଇକ ଚୋରି ହୋଇଛି । ଏନେଇ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି । ଖଣ୍ଡପଡ଼ା ବ୍ଲକ ଯୋଗିଆପଲ୍ଲୀ ପଞ୍ଚାୟତ ଲକ୍ଷ୍ମୀପ୍ରସାଦ ଗ୍ରାମର ଶିକ୍ଷକ ରବି ନାରାୟଣ ସୁବୁଦ୍ଧି ପରିବାର ସହ ବାଇକରେ ଯାଇ ମଙ୍ଗଳବାର ନୟାଗଡ ଦଶହରା ମେଢ ବୁଲିଥିଲେ । ନିଜର କଳା ରଙ୍ଗର ବାଇକଟିକୁ ଶିକ୍ଷକ ପୁରୁଣା ଜେଲ ଜମିରେ ପାର୍କିଂ କରିଥିଲେ । ଦଶହରା ପୂଜା ମଣ୍ଡପ ବୁଲି ଫେରିବା ବେଳକୁ ତାଙ୍କ ବାଇକ୍‌ଟି ସେଠାରେ ନ ଥିବା ଦେଖିବାକୁ ପାଇଥିଲେ ।

### ତହସିଲଦାରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ଧରାକୋଟ,୨୫।୧୦(ବିଷ୍ଣୁ କେଶରୀ ଆଚାର୍ଯ୍ୟ)**

ଧରାକୋଟ ତହସିଲଦାର କବିରାଜ ପ୍ରଧାନଙ୍କ କଳାହାଣ୍ଡି ଜିଲା ଥୁଆମୂଳ ରାମପୁରକୁ ବଦଳି ହୋଇଛି। ଧରାକୋଟ ବିଡିଓ ଡେନିସ ବେହେରା କାମଚଳା ତହସିଲଦାର ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବୁଧବାର ତହସିଲ କାର୍ଯ୍ୟାଳୟରେ ମୁଖ୍ୟ କିରାଣି କାଳିନ୍ଦୀ ପାତ୍ରଙ୍କ ସଭାପତିତ୍ୱରେ ଏକ ବିଦାୟକାଳୀନ ସଭା ହୋଇଥିଲା। ଏଥିରେ ବିଦାୟୀ ତହସିଲଦାରଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ତାଙ୍କ ମହାନତା,କର୍ତ୍ତବ୍ୟ ପରାୟଣତା ଆଦି ଉପରେ ଆଲୋଚନା ହୋଇଥିଲା।

# ପଦ୍ମାବତୀ ଗ୍ରାମରେ ଭସାଣି ଉତ୍ସବ



ଭସାଣି ଓ ରାବଣପୋଡ଼ି ଉତ୍ସବରେ ଆୟୋଜିତ ସଭାରେ ମଞ୍ଚାସୀନ ଅତିଥି।

**ଭାପୁର,୨୫।୧୦ (ଭରତ କୁମାର ବେହେରା)**

ନୟାଗଡ଼ ଜିଲା ଭାପୁର ବ୍ଲକ ଅନ୍ତର୍ଗତ ପଦ୍ମାବତୀ ଗ୍ରାମରେ ମା'ଦୁର୍ଗାଙ୍କ ଭସାଣି ଓ ରାବଣ ପୋଡ଼ି ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ସଭାପତି ରବିନ୍ଦ୍ରନାଥ ସାହୁଙ୍କ ପୌରୋହିତ୍ୟରେ ପଦ୍ମାବତୀ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ସଭାର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ସମ୍ମାନିତ ଅତିଥି ସ୍ଥାନୀୟ ସରପଞ୍ଚ ଅଜୟ କୁମାର ମଲିକ, ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ, ରାକମା ସମିତି ସଭ୍ୟ ବାଳଗୋପାଳ ଷଡ଼ଙ୍ଗୀ, ସ୍ଥାନୀୟ ସମିତି ସଭ୍ୟା ପ୍ରତିନିଧି ବିକାଶ ରଞ୍ଜନ ସାହୁ, ସ୍ଥାନୀୟ ପଞ୍ଚାୟତର ପୂର୍ବତନ ସରପଞ୍ଚ ଶ୍ରୀକାନ୍ତ କୁମାର ସାହୁ, ଶିକ୍ଷାବିତ୍ ଲକ୍ଷ୍ମୀଧର ମହାପାତ୍ର, ଗ୍ରାମ୍ୟ କମିଟି ଉପଦେଷ୍ଟା ରବିନ୍ଦ୍ର ନାଥ ମଲିକ, ମାଧବ ଚନ୍ଦ୍ର ବେହେରା, ଖଣ୍ଡପଡା ଏସ୍‌ଡିପିଓ ପ୍ରଭାତ କୁମାର ମଲିକ, ଫତେଗଡ଼ ଥାନାଧିକାରୀ ସୁଜିତ କୁମାର ଦାସ ପ୍ରମୁଖ ଅତିଥି ମଞ୍ଚାସୀନ ଥିଲେ। ଏହି ଉତ୍ସବରେ ୧୦ହଜାରରୁ ଊର୍ଦ୍ଧ୍ୱ ଦର୍ଶକଙ୍କ ଉପସ୍ଥିତ ରହିଥିଲେ। ୧୪ଟି ମେଢ ଭସାଣି ପଡ଼ିଆରେ ଏକାଠି ହୋଇ ଗୋଟିଏ ପରେ ଗୋଟିଏ ବିସର୍ଜନ ଅଭିମୁଖେ ମହାନଦୀର ଘାଟକୁ ଯାତ୍ରା କରିଥିଲେ। ପଦ୍ମାବତୀର ଏହି ପର୍ବକୁ ନୟାଗଡ଼ ଜିଲାର ଏକ ପ୍ରମୁଖ ପର୍ବ ଭାବେ ଘୋଷଣା କରିବାକୁ ଗ୍ରାମ୍ୟ କମିଟି ଓ ସ୍ଥାନୀୟ ସରପଞ୍ଚ ଅଜୟ କୁମାର ମଲ୍ଲିକ ପ୍ରଶାସନକୁ ଅନୁରୋଧ କରିଥିଲେ। ଏହି ଅବସରରେ ପଦ୍ମାବତୀ ଗ୍ରାମରେ ବିଭିନ୍ନ କାର୍ଯ୍ୟରେ କୃତୀତ୍ୱ ଅର୍ଜନ କରିଥିବା ବ୍ୟକ୍ତି, ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ପରେ ୪୦ଫୁଟ ଉଚ୍ଚତା ବିଶିଷ୍ଟ ରାବଣ ପ୍ରତିମୂର୍ତ୍ତିରେ ମୁଖ୍ୟ ଅତିଥି ତଥା ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଅଗ୍ନି ସଂଯୋଗ କରିଥିଲେ। ଶିକ୍ଷାବିତ୍ ଲକ୍ଷ୍ମୀଧର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଦାମୋଦର ବେଶରେ ଦର୍ଶନ ଦେଲେ ଶ୍ରୀନୀଳମାଧବ ଜୀଉ



ନୀଳମାଧବ ଜୀଉଙ୍କ ଦାମୋଦର ବେଶ।

**ଖଣ୍ଡପଡ଼ା,୨୫।୧୦(ଅଜୟ କୁମାର ମହାରଣା)**

ଦଶହରା ପର୍ବ ପରେ ବୁଧବାର ନୀଳମାଧବ ଜୀଉ ଦାମୋଦର ବେଶରେ ଶ୍ରଦ୍ଧାଳୁ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଏହି ଅବସରରେ ଶ୍ରୀ ଜୀଉଙ୍କ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଛି। ପ୍ରଥମେ ଦ୍ୱାର ଫିଟା ପରେ ମଙ୍ଗଳ ଆଳତୀ, ମଇଲମ ଓ ଅବକାଶ ନୀତି ଅନୁଷ୍ଠିତ ହୋଇଥିଲା। ପରେ ଠାକୁରଙ୍କ ଦାମୋଦର ବେଶ ସମ୍ପନ୍ନ ହୋଇଥିଲା। ମନ୍ଦିରରେ ରୋଷହୋମ, ସୂର୍ଯ୍ୟପୂଜା ପରେ ସକାଳ ଧୂପ ଓ ଅନ୍ୟାନ୍ୟ ପାରମ୍ପରିକ ନୀତି ସମ୍ପନ୍ନ ହୋଇଥିଲା। କାର୍ତ୍ତିକ ଶୁକ୍ଳପକ୍ଷ ଦଶମୀ ପର୍ଯ୍ୟନ୍ତ ୧ମାସ ଧରି ଠାକୁର ଏହି ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେବେ। ଏଥି ଲାଗି ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।

# ବିଜୟା ଦଶମୀରେ ନୀଳମାଧବ ଜୀଉଙ୍କୁ ଶଙ୍ଖ, ଚକ୍ର ସମର୍ପଣ



ଦଶହରା ପଡ଼ିଆରେ ଶ୍ରୀଜୀଉଙ୍କୁ ପୂଜାର୍ଚ୍ଚନା କରାଯାଉଛି।

**ଖଣ୍ଡପଡ଼ା,୨୫।୧୦ (ଅଜୟ କୁମାର ମହାରଣା)**

ମହିଷାସୁରର ନିଧନ ପାଇଁ ମା'ଦୂର୍ଗାଙ୍କୁ ପ୍ରଦାନ କରାଯାଇଥିବା ଶଙ୍ଖ, ଚକ୍ର ଆୟୁଧ ମଙ୍ଗଳବାର ବିଜୟା ଦଶମୀ ତିଥିରେ କଣ୍ଟିଲୋ ନୀଳମାଧବ ଜୀଉଙ୍କୁ ସମର୍ପଣ କରାଯାଇଛି। ପାରମ୍ପରିକ ରୀତିରେ ଏହି ତିଥିରେ ଶ୍ରୀ ନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମା ମଦନ ମୋହନଙ୍କୁ ମନ୍ଦିର ବେଢା ପରିକ୍ରମା କରାଇ ସିଂହଦ୍ୱାରସ୍ଥ ଦୋଳ ବେଦୀକୁ ବିଜେ କରାଯାଇଥିଲା। ଶ୍ରୀ ଜୀଉଙ୍କୁ ପୂଜାର୍ଚ୍ଚନା ପରେ ରାତ୍ରୀ ପ୍ରାୟ ୯ଟାରେ ଘଣ୍ଟ, ଘଣ୍ଟା, କାହାଳୀ, ମୃଦଙ୍ଗ, ଛତ୍ରୀ, ମଶାଲ, ସଂକୀର୍ତ୍ତନ ଓ ପାଟପଟୁଆର ସହିତ ବିମାନରେ ଆରୁଢ କରାଯାଇ ମହାନଦୀ ଓ କମେଇ ନଦୀ ସଙ୍ଗମ ସ୍ଥଳ ଠାକୁରଙ୍କ ଦଶହରା ପଡିଆକୁ ବିଜେ କରାଯାଇଥିଲା। ସେଠାରେ ପୁନଶ୍ଚ ପୂଜାର୍ଚ୍ଚନା ସହ ସନ୍ଧ୍ୟା ଆଳତୀ ଓ ସପ୍ତାଳତି କାର୍ଯ୍ୟକ୍ରମ ସମାପନ ହେବା ପରେ ପାରମ୍ପରିକ ରୀତିରେ ତୋପ ଫୁଟା ଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପୂଜାରୀ ଭାବେ ରାଣେଶ୍ୱର ମିଶ୍ର ଓ ପତ୍ରୀ ଭାବେ ହୃଷିକେଶ ମିଶ୍ର ପୂଜାକର୍ମ ପରିଚାଳନା କରିଥିଲେ। ଦଶହରା ପଡିଆରେ ଉପସ୍ଥିତ ଥିବା ଗ୍ରାମବାସୀ ଓ ଶ୍ରଦ୍ଧାଳୁ ଭକ୍ତ ସାଙ୍ଗରେ ଆଣିଥିବା ନୂତନ ଖାତା ଓ କାଗଜରେ ଶ୍ରୀଜୀଉ ଓ ମା'ଦୂର୍ଗାଙ୍କୁ ସୁମରଣା କରି ଆରମ୍ଭରେ ଓଁ ଶବ୍ଦ ଲେଖି ଦଶହରା ଅନୁକୂଳ କରିଥିଲେ।

## କଣ୍ଟିଲୋ, ଖଣ୍ଡପଡ଼ାରେ ଶାରଦୀୟ ପୂଜା ସମ୍ପନ୍ନ

**ଖଣ୍ଡପଡା,୨୫।୧୦ (ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ସହରାଞ୍ଚଳ ସମେତ କଣ୍ଟିଲୋ, ଖଳିସାହି, ମର୍ଦ୍ଦରାଜପୁର, ଶିଖରପୁର, ବୋଦସା, ବାଣପୁର ପ୍ରଭୃତି ଅଞ୍ଚଳରେ ସାର୍ବଜନୀନ ଦୁର୍ଗାପୂଜା ବିଭିନ୍ନ ପୂଜାମଣ୍ଡପରେ ମହାସମାରୋହରେ ଆରମ୍ଭ ହୋଇଛି। ବିଭିନ୍ନ ପୂଜା କମିଟି ତରଫରୁ ଏନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲୁରହିଛି। ରଙ୍ଗବେରଙ୍ଗର ଆଲୋକ ସଜ୍ଜା ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଗୁଡ଼ିକୁ ଉପଭୋଗ କରିବା ନିମନ୍ତେ ମଙ୍ଗଳବାର ଦଶହରା ଅବସରରେ ସନ୍ଧ୍ୟା ସମୟରେ ବିଭିନ୍ନ ପୂଜା ମଣ୍ଡପ ନିକଟରେ ଜନସାଧାରଣଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଅପରପକ୍ଷେ ଶାରଦୀୟ ଦୁର୍ଗାପୂଜା ଅବସରରେ ମା' ପାଟ୍ଟଚଣ୍ଡୀ, ଉମାଦେବୀ ଓ ନିକଟସ୍ଥ ଜଗନ୍ନାଥ ପ୍ରସାଦ ମହିଷାସୁଣୀଙ୍କ ପୀଠରେ ଗତ ୩ଦିନ ଧରି ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ଏହାଛଡା କଣ୍ଟିଲୋର ବିଭିନ୍ନ ସାହି ବସ୍ତିରେ ମୋଟ ୧୮ଟି ସ୍ଥାନରେ ମା'ଦୂର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମିତ ହୋଇଥିଲା। ଅପରପକ୍ଷେ ପବିତ୍ର ଦଶହରା ତିଥିରେ ଖଣ୍ଡପଡ଼ା ଅଞ୍ଚଳର ପୁରପଲ୍ଲୀରେ ସର୍ବତ୍ର ନୂଆଖିଆ ପର୍ବ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି।

# ଭିଡ଼ରେ ୧୫ ମିନିଟ୍ ଅଟକିଲା ଆମ୍ବୁଲାନ୍ସ



ମା' କନକଦୁର୍ଗାଙ୍କ ପଟୁଆର ଯାତ୍ରା ବେଳେ ଭିଡ଼ ଯୋଗୁ ଆମ୍ବୁଲାନ୍ସ ଅଟକି ରହିଛି।

- ଦଶହରା ପାଇଁ ରାଜପଥ ଜାମ୍
- ଟ୍ରାଫିକ ଭିଡ଼କୁ ନିୟନ୍ତ୍ରଣ କରିବାରେ ବିଫଳ ପୋଲିସ

**ନୟାଗଡ଼,୨୫।୧୦(ଲୋକନାଥ ମିଶ୍ର)**

ଦଶହରା ରାତିରେ ମା' କନକଦୁର୍ଗାଙ୍କ ପଟୁଆର ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ.ଜାତୀୟ ରାଜପଥରେ ଯାଉଥିଲା। ମା'ଙ୍କ ପଟୁଆର ଯୋଗୁ ଜାତୀୟ ରାଜପଥ ଜାମ ଥିଲା। ତେବେ ପୋଲିସ ଠିକ୍ ମାର୍ଗରେ ଟ୍ରାଫିକ ନିୟନ୍ତ୍ରଣ କରିବାରେ ବିଫଳ ହେବାରୁ ଏକ ଆମ୍ବୁଲାନ୍ସ ୧୫ ମିନିଟ୍ ଧରି ରାସ୍ତାରେ ଅଟକିବହୁ କଷ୍ଟରେ ରାସ୍ତା ପାର ହୋଇଥିଲା। ଜଗନ୍ନାଥ ମନ୍ଦିରଠାରୁ ଦକ୍ଷିଣକାଳୀ ମନ୍ଦିର ରାଜପଥ ଅତିକ୍ରମ କରିବାବେଳେ ମଙ୍ଗଳବାର ରାତିରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଆମ୍ବୁଲାନ୍ସଟି ଦଶପଲ୍ଲାରୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରତିବର୍ଷ ଦଶହରା ରାତିରେ ଦଶହରା ପର୍ବ ଅବସରରେ କନକଦୁର୍ଗାଙ୍କ ପଟୁଆର ରାଜପଥ ଉପରେ ଯାଇଥାଏ। ଜଗନ୍ନାଥଙ୍କ ବଡଦାଣ୍ଡରେ ପଟୁଆରୁ ଯାଉଥିବାରୁ ଟ୍ରାଫିକ ବିପର୍ଯ୍ୟସ୍ତ ହେବାର ସମ୍ଭାବନା ନ ଥାଏ। ତେବେ ପୋଲିସର ଟ୍ରାଫିକ ବ୍ୟବସ୍ଥା ସୁଧାରିବାରେ ଆନ୍ତରିକତା ନ ଥିବାରୁ ୧୦୮ ଆମ୍ବୁଲାନ୍ସ ଯିବାକୁ ରାସ୍ତା ମିଳିଲା ନାହିଁ। ରାଜପଥ ଉପରେ ବାଇକ୍ ରଖାଯାଇଥିଲେ ମଧ୍ୟ ପୋଲିସ ସେଗୁଡ଼ିକୁ ହଟାଇବା ଅଥବା ରଖିବାକୁ ବାରଣ କରି ନ ଥିଲା। ପୁଣି ପିଟିଏସ୍ ପଟେ ବିକଳ୍ପ ରାସ୍ତା ଥିବାବେଳେ ପ୍ରାୟ ୧ରୁ ୨ ଘଣ୍ଟା ପାଇଁ ଯାନବାହନ ସଂପୃକ୍ତ ରାସ୍ତାରେ ନେବା ପାଇଁ ଉଦ୍ୟମ କରି ନ ଥିଲା। ରାସ୍ତା ଜାମ ଧରିବାବେଳେ ପୋଲିସ ଜୋର ଜବରଦସ୍ତ ଗାଡି ହଟାଇ ଆମ୍ବୁଲାନ୍ସ ଛାଡିବାକୁ ଉଦ୍ୟମ କରିଥିଲା। ଯାହା ପୋଲିସର ମୁଣ୍ଡବ୍ୟଥାର କାରଣ ପାଲଟିଥିଲା।

# ବାଡ଼ିଙ୍ଗଲୁ ଗ୍ରାମରେ ବ୍ୟାପୁଛି ଚର୍ମରୋଗ



ଚର୍ମରୋଗରେ ଆକ୍ରାନ୍ତ ଶିଶୁ ଓ ବ୍ୟକ୍ତି।

**ତୁମୁଡିବନ୍ଧ,୨୫।୧୦(ଦୀପକ କୁମାର ପରାସେଠ)**

ତୁମୁଡିବନ୍ଧ ବ୍ଲକ ଲଙ୍କାଗଡ଼ ପଞ୍ଚାୟତର ବାଡିଙ୍ଗଲୁ ଗ୍ରାମରେ କାଟୁ କୁଣ୍ଡିଆ ବ୍ୟାପିବାରେ ଲାଗିଛି। ଏଥିପାଇଁ ତୁମୁଡିବନ୍ଧ ବ୍ଲକ ଅଧ୍ୟକ୍ଷା ବାସନ୍ତି ମାଝି ବୁଧବାର ଉକ୍ତ ଗ୍ରାମକୁ ଯାଇ ପୀଡ଼ିତ ଲୋକଙ୍କୁ ଭେଟିଛନ୍ତି। ବୁଡିଙ୍ଗଲୁ ଗ୍ରାମରେ ୪୦ପରିବାରର କୁଟିଆ କନ୍ଧ ରହୁଛନ୍ତି। ଦୀର୍ଘଦିନ ହେବ କାଟୁକୁଣ୍ଡିଆରେ ପୀଡ଼ିତ ହୋଇଛନ୍ତି। ତିନି ମାସର ଶିଶୁ ଠାରୁ ଆରମ୍ଭ କରି ବୃଦ୍ଧା ବୃଦ୍ଧ ମାନେ ମଧ୍ୟ ଉକ୍ତ ରୋଗରେ ପୀଡ଼ିତ ହେଲେଣି। ଫଳରେ ଶିଶୁମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ବିଗିଡ଼ିବାରେ ଲାଗିଛି। ଲଂକାଗଡ଼ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ଔଷଧ ଖାଇଲେ ମଧ୍ୟ ଭଲ ହେଉ ନଥିବା ଜଣାପଡିଛି। ତେବେ ଖବର ପାଇ ତୁମୁଡିବନ୍ଧ ବ୍ଲକ ଅଧ୍ୟକ୍ଷା,ସାମାଜିକ କର୍ମୀ ଅଶୋକ କୁମାର ପାତ୍ର ଓ ଧନେଶ୍ୱର ପାତ୍ର, ପୂର୍ବତନ ସରପଞ୍ଚ ହର ପାତ୍ର ବାଡିଙ୍ଗଲୁ ଗ୍ରାମରେ ପହଞ୍ଚି ପୀଡ଼ିତ ଶିଶୁ ମାନଙ୍କୁ ଦେଖିବା ସହିତ ବୟୋଜ୍ୟେଷ୍ଠ ମାନଙ୍କୁ ଭେଟି ପଚାରି ବୁଝିଥିଲେ। ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା ଅଭିନାଶ ନାୟକଙ୍କୁ ପଚାରିବାରୁ ସେହିଗ୍ରାମକୁ ଡାକ୍ତରୀ ଦଳ ପଠାଇ ଚିକିତ୍ସା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

## ସମବାୟ କେନ୍ଦ୍ର ବ୍ୟାଙ୍କ କର୍ମଚାରୀଙ୍କ ଧର୍ମଘଟ

**ଆସିକା,୨୫।୧୦(ସୁରେନ୍ଦ୍ର ନାଥ ସାହୁ)**

ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କର କର୍ମଚାରୀମାନେ ବୁଧବାରଠାରୁ ଧର୍ମଘଟ ଆରମ୍ଭ କରିଛନ୍ତି। ଫଳରେ ଆସିକାସ୍ଥିତ ସମବାୟ କେନ୍ଦ୍ର ବ୍ୟାଙ୍କର ମୁଖ୍ୟ ଶାଖା ଓ ମହିଳା ଶାଖା ସମେତ ବିଭିନ୍ନ ସ୍ଥାନରେ ଥିବା ଶାଖାଗୁଡିକରେ କାର୍ଯ୍ୟବନ୍ଦ ରହିଛି। ୨୦୧୬ ଜାନୁୟାରୀ ୧୦ଠାରୁ ବକେୟା ସପ୍ତମ ବେତନ ଆଦି ଦାବି ନେଇ ଏହି ଆନ୍ଦୋଳନ କରାଯାଇଛି। ରାଜ୍ୟ ସମବାୟ. କେନ୍ଦ୍ର ବ୍ୟାଙ୍କ କର୍ମଚାରୀ ମହାସଂଘର ଆହ୍ୱାନ କ୍ରମେ କର୍ମଚାରୀମାନେ ଆନ୍ଦୋଳନରେ ସାମିଲ ହୋଇଥିବା ବେଳେ ଆନ୍ଦୋଳନ ଫଳରେ ଆସିକା ସମବାୟ କେନ୍ଦ୍ର କର୍ତ୍ତବ୍ୟରତ ଆସିକା, ଭଞ୍ଜନଗର, ବେଲଗୁଣ୍ଠା, ବୁଗୁଡା, ଜଗନ୍ନାଥପ୍ରସାଦ, ପୋଲସର, କୋଦଳା, କବିସୂର୍ଯ୍ୟନଗର, ନୂଆଗାଁ, ଶେରଗଡ, ପାଟପୁର, ଧରାକୋଟ, ସୋରଡା ଆଦି ଶାଖାରେ ମଧ୍ୟ କାର୍ଯ୍ୟ ଠପ ହୋଇଛି।

## ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର

**ନୟାଗଡ଼,୨୫।୧୦(ଲୋକନାଥ ମିଶ୍ର)**

ଓଡ଼ିଶା ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣଙ୍କ ନିର୍ଦ୍ଦେଶକ୍ରମେ ନୟାଗଡ଼ ସହରର ଏନଏସି ହାଇସ୍କୁଲ, ଆର.ସି ହାଇସ୍କୁଲ ଖଣ୍ଡପଡା, ଓଡଗାଁ ବ୍ଲକର ସୋଲପଟା ହାଇସ୍କୁଲ ଓ ନୟାଗଡ ବ୍ଲକର ବ୍ରଜବନ୍ଧୁ ହାଇସ୍କୁଲ ମାଛିପଡା ଠାରେ ୫ଟି ରୂପାନ୍ତରିତ ଉଚ୍ଚ ବିଦ୍ୟାଳୟର ୬୦୦ ପ୍ରଧାନଶିକ୍ଷକ, ସହକାରୀ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ଏକ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇ ଯାଇଛି। ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟରେ ଅନୁଷ୍ଠିତ ଏହି ଶିବିରରେ ଜିଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବସନ୍ତ ନାୟକ ଓ ସମଗ୍ର ଶିକ୍ଷା ଅଭିଯାନର ଗୁଣାତ୍ମକ ଶିକ୍ଷା ସଂଯୋଜିକା କୃଷ୍ଣାରାଣୀ ମାଝି ପ୍ରମୁଖ ଯୋଗ ଦେଇ ତାଲିମ ପ୍ରଦାନ କରିଥିଲେ। ଏ ଅବସରରେ ପ୍ରଧାନଶିକ୍ଷକ, ସହକାରୀ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି।

# ପୋଲିସ ଟିମ୍‌କୁ ସଂଘବଦ୍ଧ ଆକ୍ରମଣ ଅଭିଯୋଗ

**ଦିଗପହଣ୍ଡି,୨୫।୧୦ (ଅଶେଷ ନାଥ ମିଶ୍ର)**

ଦିଗପହଣ୍ଡି ବ୍ଲକ ଚୌଧୁରୀ ଟିକରପଡ଼ା ଗ୍ରାମ ବଡ଼ ସାହି କଲ୍ୟାଣ ମଣ୍ଡପ ପରିସରରେ ଜୁଆ ଖେଳ ଚାଲିଥିବା ବେଳେ ବୁଧବାର ସନ୍ଧ୍ୟାରେ କେ.ନୂଆଗାଁ ପୋଲିସ ଟିମ ଚଢ଼ାଉ କରିଥିଲା। ଜୁଆ ଖେଳୁଥିବା ଯୁବକମାନେ ଧରିଥିବା ଟଙ୍କା ସବୁ ଝରକା ଦେଇ ବାହାରକୁ ଫୋପାଡି ଦେଇଥିଲେ। ପୋଲିସ କବାଟ ପକାଇ ଜୁଆଡି ମାନଙ୍କୁ ମାଡ଼ ମାରିବାରୁ ସେମାନେ ସଂଘବଦ୍ଧ ହୋଇ ପୋଲିସ କର୍ମଚାରୀମାନଙ୍କୁ ପାଲଟା ଆକ୍ରମଣ କରିଥିଲେ। ପରେ କିଛି ବ୍ୟକ୍ତି ପୋଲିସ କର୍ମଚାରୀମାନଙ୍କୁ ନିସ୍ଠୁକ ମାଡ଼ ମାରିଥିଲେ। ଗ୍ରାମବାସୀ ପୋଲିସ କର୍ମଚାରୀମାନଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିବାରୁ ସେମାନଙ୍କ ମଧ୍ୟରୁ କିଛି ପୋଲିସ କର୍ମଚାରୀ ଆହତ ହୋଇ ପ୍ରାଣ ଭୟରେ ଛତ୍ରଭଙ୍ଗ ଦେଇଥିଲେ। ପରେ ଉତ୍ତେଜିତ ଲୋକେ ପୋଲିସ ଗାଡ଼ି ଉପରକୁ ଟେକା ପଥର ମାରି ଭଙ୍ଗାରୁଜା କରିଥିବା ଜଣାପଡିଛି। ଏ ନେଇ ଚିକିଟି ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭଦ୍ରାଙ୍କୁ ପଚାରିବାରୁ ଜୁଆ ଖେଳ ଚାଲିଥିବା ଖବର ପାଇ କେ. ନୂଆଗାଁ ପୋଲିସ ଟିମ୍ ଗାଁକୁ ଯାଇଥିଲେ। ପୋଲିସ ଗାଡିକୁ ଦେଖି କିଛିବ୍ୟକ୍ତି ଢେଲା ମାଡ କରିଥିବା ସେ ସୂଚନା ପାଇଛନ୍ତି। କିନ୍ତୁ ଏନେଇ ସବିଶେଷ ତଥ୍ୟ ତାଙ୍କ ନିକଟରେ ନଥିବା କହିଛନ୍ତି। ପୋଲିସ ଘଟଣାକୁ ଚାପି ଦେବା ପାଇଁ ଉଦ୍ୟମ କରୁଥିବା ଜଣାପଡ଼ିଛି।

# ଭଗ୍ନ ଅବସ୍ଥାରେ ପରିବା ମାର୍କେଟ

**ଛତ୍ରପୁର,୨୫।୧୦(ଦିଲୀପ ସାମଲ)**

## ରାସ୍ତା ପାର୍ଶ୍ୱରେ ବ୍ୟବସାୟ



ଛତ୍ରପୁର ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଥିବା ବହୁ ପୁରାତନ ମାର୍କେଟଟି ଦୀର୍ଘଦିନ ଧରି ଭଗ୍ନ ଅବସ୍ଥାରେ ପଡିରହିଛି। ଫଳରେ ପରିବା ବ୍ୟବସାୟୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ୟବସାୟୀମାନେ ଏ ନେଇ ବାରମ୍ବାର ଅଭିଯୋଗ କରୁଥିଲେ ସୁଦ୍ଧା ସୁଫଳ ମିଳୁନାହିଁ। ଅନ୍ୟପକ୍ଷରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଛତ୍ରପୁରର ବ୍ୟବସାୟୀମାନେ ସୁବିଧାରେ ଯେଭଳି ଗୋଟିଏ ଜାଗାରେ ବସି ସୁବିଧାରେ ବ୍ୟବସାୟ କରିପାରିବେ ସେଥିଲାଗି ପ୍ରାୟ ୫୦ବର୍ଷ ତଳେ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ପରିବା ମାର୍କେଟ କରାଯାଇଥିଲା। ସେଠାରେ ପ୍ରାୟ ୩୦ଟି ଘର ନିର୍ମାଣ କରାଯାଇ ବ୍ୟବସାୟୀମାନଙ୍କୁ ହସ୍ତାନ୍ତର କରାଗଲା। ୧୯୯୯ ମହାବାତ୍ୟାରେ ଘରଗୁଡିକ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିଲା। ମାତ୍ର ୪ରୁ ୫ଟି ଘର ବ୍ୟବହାର ଉପଯୋଗୀ ଥିବା ବେଳେ ବଳକା ଘର ଗୁଡିକ ମରାମତି କରିବା ପାଇଁ ବ୍ୟବସାୟୀମାନେ ଏନଏସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବ୍ୟବସାୟୀମାନେ ରାସ୍ତା କଡରେ ବସି ବ୍ୟବସାୟ ଆରମ୍ଭ କରିଦେଇଥିଲେ। ଏହାଦ୍ୱାରା ଟ୍ରାଫିକ ଓ ପରିମଳ ସମସ୍ୟା ଦେଖାଗଲା। ପରିବା ବ୍ୟବସାୟୀମାନେ ରାସ୍ତାରେ ବସୁଥିବା ବେଳେ ଖରା, ବର୍ଷାରେ ବସୁଛନ୍ତି। ସେପଟେ ଟ୍ରାଫିକ୍ ଜାମରୁ ବିଦ୍ୟାଳୟ ଛାତ୍ରୀମାନେ ଯାତାୟତ ବେଳେ ଅସୁବିଧା ଭୋଗୁଛନ୍ତି। ତେଣୁ ପ୍ରଶାସନ ଏଥିପ୍ରତି ଧ୍ୟାନ ଦେବା ଜରୁରୀ ହୋଇପଡିଛି । ଭଗ୍ନ ଅବସ୍ଥାରେ ଥିବା ଘରଗୁଡିକ ନିର୍ମାଣ କରାଗଲେ ବ୍ୟବସାୟୀମାନେ ସୁବିଧାରେ ବସି ବ୍ୟବସାୟ କରିପାରିବେ ବୋଲି କହିଛନ୍ତି। ଅନ୍ୟପଟେ ମାର୍କେଟ କମ୍ପ୍ଲେକ୍ସକୁ ନୂତନ ଭାବେ ନିର୍ମାଣ କରିବା ପାଇଁ ଯୋଜନା କରାଯାଇଛି। ପ୍ରାୟ ଏକ କୋଟି ବ୍ୟାୟରେ ମାଛ ଓ ପନିପରିବା ମାର୍କେଟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏଥିଲାଗି ଡିପିଆର ପ୍ରସ୍ତୁତ ହୋଇଯାଇଥିବା ସୂଚନା ମିଳିଛି। ଭିତ୍ତିପ୍ରସ୍ତରର ୧୪ ମାସ ବିତିଯାଇଥିଲେ ସୁଦ୍ଧା କାର୍ଯ୍ୟ ଅଗ୍ରଗତି ହେଉ ନ ଥିବା ଅଞ୍ଚଳବାସୀ କହିଛନ୍ତି।

## ସଂକ୍ଷେପରେ

### ସାପ କାମୁଡ଼ାରେ ଚାଷୀଙ୍କ ମୃତ୍ୟୁ

ରସୁଲପୁର,୨୫।୧୦(ରଞ୍ଜିତ ରାଉତ):

କୁଆଖିଆ ଥାନା ଅନ୍ତର୍ଗତ ମୁଗୁପାଳ ପଞ୍ଚାୟତ ବରାଂଶ ଗ୍ରାମର ଚାଷୀ ପୂର୍ଣ୍ଣଚନ୍ଦ୍ର ସାହୁ(୫୨)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ପୂର୍ଣ୍ଣଚନ୍ଦ୍ର ଧାନ ବିଲରେ ବିଷ ସିଞ୍ଚନ କରୁଥିବାବେଳେ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।

### ରାଜପଥରେ ବାଇକ୍, ସାଇକେଲ ଧକ୍କା: ୪ ଗୁରୁତର

ଚଣ୍ଡିଖୋଲ,୨୫।୧୦(ପ୍ରଦୀପ୍ତ କୁମାର ପୃଷ୍ଟି):

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୫୩ନଂ.ର ଚାରିନଙ୍ଗଳ ଛକ ନିକଟରେ ବୁଧବାର ରାତିରେ ବାଇକ୍ ଓ ସାଇକେଲ ମଧ୍ୟରେ ଧକ୍କା ହୋଇଛି। ଏଥିରେ ୪ ଜଣ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ପାରାଦୀପ ଆଡୁ ଚଣ୍ଡିଖୋଲ ଅଭିମୁଖେ ଗୋଟିଏ ବାଇକ୍ ଯୋଗେ ୩ ଜଣ ଯାଉଥିବା ସମୟରେ ଚାରିନଙ୍ଗଳ ଛକ ନିକଟରେ ଜଣେ ସାଇକେଲ ଆରୋହୀ ରାସ୍ତା ପାର ହେଉଥିଲେ। ଏହାକୁ ଦେଖି ନ ପାରି ବାଇକ୍ ଆରୋହୀ ସାଇକେଲକୁ ଧକ୍କା ଦେଇଥିଲେ। ଫଳରେ ସାଇକେଲ୍ ଆରୋହୀ ଓ ବାଇକ୍ ଆରୋହୀ ପଡ଼ି ଯାଇଥିଲେ। ସାଇକେଲ ଆରୋହୀ ଜଣକ ସ୍ଥାନୀୟ ନଳୀପୁର ଗ୍ରାମର ହୋଇଥିବା ବେଳେ ବାଇକ୍ ଆରୋହୀଙ୍କ ପରିଚୟ ମିଳି ପାରିନାହିଁ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିବା ଜଣାପଡ଼ିଛି।

# ଏ ଫର୍ମକୁ ଚାପି ଦେଇ ଦୁର୍ନୀତି ଅଣାୟତ୍ତ

■ ଯାଜପୁର ଜିଲାରେ ବଢୁଛି ମଦ ଦୋକାନ
■ ଦବି ଯାଉଛି ସାଧାରଣ ଲୋକଙ୍କ ମତାମତ

ଯାଜପୁର,୨୫।୧୦(ହର୍ଷବର୍ଦ୍ଧନ ବେହେରା):

ବିଷାକ୍ତ ମଦ ତିଆରି ହେଉ ବା ବିକ୍ରୀ କରିବା ଯେପରି ଏକ ଗର୍ହିତ ଅପରାଧ, ସେହିଭଳି ମଦ ବିକ୍ରୀ ନାମରେ ବିପୁଳ ଟଙ୍କା ରାଜସ୍ୱ ଅମ୍ରସାତ୍ କରିବା ମଧ୍ୟ ଗୁରୁତର ଦେଶଦ୍ରୋହ କାର୍ଯ୍ୟ। ସରକାର ଅବକାରୀ ବିଭାଗକୁ ରାଜସ୍ୱ ସଂଗ୍ରହର ଲକ୍ଷ୍ୟ ଧାର୍ଯ୍ୟ କରିଥାନ୍ତି, ଅନ୍ୟପଟେ ରାଜସ୍ୱ ଧାର୍ଯ୍ୟ ମୁତାବକ ସଂଗ୍ରହ ତ ହୋଇଯାଏ ହେଲେ ରାଜସ୍ୱ ଲୁଣ୍ଠନ ହୁଏ ଅନ୍ୟବାଟରେ ବୋଲି ଅଭିଯୋଗ ହେଉଛି। ପ୍ରତିବର୍ଷ ଅକ୍ଟୋବରରେ ପାଳନ ହେଉଥିବା ଫର୍ମ-ଏ ନୋଟିସକୁ ଯାଜପୁର ଜିଲା ଅବକାରୀ ବିଭାଗ ଲୋକଙ୍କ ବିରୋଧ ଭୟରେ ଜାଣିଶୁଣି ଚାପି ଦେଉଛି । ଏହାଦ୍ୱାରା ମଦ ଦୋକାନ ଉପରେ ସାଧାରଣ ଲୋକଙ୍କ ମତାମତକୁ ଅବକାରୀ ବିଭାଗ ଦବେଇ ଦେଉଛି । ଫଳରେ ଯାଜପୁର ଜିଲାରେ ବେଆଇନ ମଦ ଦୋକାନ ସହ ସଂପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କ ଚାନ୍ଦା ବଢିବାରେ ଲାଗିଥିବାବେଳେ ଲୋକଙ୍କ ମଧ୍ୟରେ ଆନ୍ଦୋଳନର ଦାନା ବାନ୍ଧିବାରେ ଲାଗିଛି । ଜିଲାରେ ଅବକାରୀ ଆଇନ ୩୪ ଧାରାକୁ ଉଲ୍ଲଂଘନ କରି ଜାତୀୟ ରାଜପଥ, ଶିକ୍ଷାନୁଷ୍ଠାନ, ସରକାରୀ ଅଫିସ, ସାଂସ୍କୃତିକ ଅନୁଷ୍ଠାନ, ବ୍ୟାଙ୍କ ଆଦି ଅନୁଷ୍ଠାନ ପାଖରେ ୫୮ଟି ବିଭିନ୍ନ ଲାଇସେନ୍ସପ୍ରାପ୍ତ ମଦ ଦୋକାନ ରହିଛି । ଏ ଦିଗରେ ଜିଲା ପ୍ରଶାସନ ପକ୍ଷରୁ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯାଇ ପାରିନାହିଁ । ଫଳରେ ଛାତ୍ରୀଛାତ୍ରଙ୍କ ଉପରେ ନକରାତ୍ମକ ପ୍ରଭାବ ପଡୁଥିବାବେଳେ ଅବକାରୀ ଓ ପୋଲିସ ବିଭାଗ କେବଳ ଲୋକ ଦେଖାଣିଆ ଚଢାଉ କରି ନିଜର ଟାର୍ଗେଟ ପୂରଣ କରିବାରେ ବ୍ୟସ୍ତ ରହୁଛନ୍ତି ବୋଲି ମତପ୍ରକାଶ ପାଇଛି ।

ଓଡ଼ିଶା ଅବକାରୀ ଅଧିନିୟମ ୨୦୦୮ ଏବଂ ଓଡ଼ିଶା ଅବକାରୀ ନିୟମ ୨୦୧୭ ଦ୍ୱାରା ରାଜ୍ୟ ଅବକାରୀ ପ୍ରଶାସନ ପରିଚାଳିତ ହେଉଛି। ଏହା ମଦ ବିକ୍ରୟ, ଉତ୍ପାଦନ ଏବଂ ଯୋଗାଣକୁ ନିୟନ୍ତ୍ରଣ କରିଥାଏ। ଓଡ଼ିଶା ସରକାର ୨୦୦୦ ନଭେମ୍ବରରେ କମ୍ପାନୀ ଅଧିନିୟମ ୧୯୫୬ ଆଧାରରେ ଏକ କମ୍ପାନୀ ଭାବରେ ଓଡ଼ିଶା ପାନୀୟ ନିଗମ ଲିମିଟେଡ (ଓଏସ୍‌ବିସିଏଲ୍) ପ୍ରତିଷ୍ଠା କରିଥିଲେ। ଭାରତରେ ପ୍ରସ୍ତୁତ ବିଦେଶୀ ମଦ(ଆଇଏମ୍‌ଏଫ୍‌ଏଲ୍), ବିଦେଶରେ ପ୍ରସ୍ତୁତ ବିଦେଶୀ ମଦ(ଏଫ୍‌ଏମ୍‌ଏଫ୍‌ଏଲ୍), ବିଅର ଓ ଦେଶୀ ମଦ(ସିଏଲ୍) ବଣ୍ଟନ ଓ ଯୋଗାଣ ବ୍ୟବସ୍ଥାରେ ସ୍ୱଚ୍ଛତା ସହିତ ସେଗୁଡିକର ଗୁଣବତ୍ତା ଉପରେ ନିୟନ୍ତ୍ରଣ ରଖିବା ଓଏମ୍‌ବିସିଏଲ୍‌ର ମୂଳ ଉଦ୍ଦେଶ୍ୟ ଥିଲା। ହେଲେ ମଦ ଉତ୍ପାଦ ଓ ଯୋଗାଣ ଇତ୍ୟାଦି କ୍ଷେତ୍ରରେ ଏଯାଏ ସ୍ୱଚ୍ଛତା ଅବଲମ୍ବନ ହୋଇ ପାରି ନ ଥିବା ଗତ ସିଏଜି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଅନ୍ୟପକ୍ଷେ ଯାଜପୁର ଜିଲାରେ ଫର୍ମ-ଏ ନୋଟିସକୁ ଅବକାରୀ ବିଭାଗ ଠିକ୍ ଭାବେ ଜନସାଧାରଣଙ୍କ ଅବଗତ ନିମନ୍ତେ ପ୍ରକାଶ କରୁନାହିଁ । ଫଳରେ ଏହି ଫର୍ମ ଜରିଆରେ ଲୋକଙ୍କ ମତ ସରକାରଙ୍କ ପାଖରେ ପହଞ୍ଚି ପାରୁନାହିଁ । ମଦ ବ୍ୟବସାୟୀଙ୍କ ସହିତ ସଲାସୁତୁରା କରି ଅବକାରୀ କର୍ତ୍ତୃପକ୍ଷ ମଦ ଦୋକାନ ପାଇଁ ଥିବା ନିୟମକୁ ଉଲ୍ଲଂଘନ କରୁଛନ୍ତି । ଫଳରେ ମଦ ଦୋକାନଗୁଡିକ ଯେକୌଣସି ସ୍ଥାନରେ ବି ଖୋଲି ଯାଉଛି । ଏଥିଯୋଗୁ ସାଧାରଣ ଲୋକ ଦୁର୍ଦ୍ଦଶା ଭୋଗୁଛନ୍ତି ।

ଏଠାରେ ଉଲ୍ଲେଖଯୋଗ୍ୟ, ସମ୍ପୃକ୍ତ ଅଞ୍ଚଳରେ ମଦ ଦୋକାନ ରହିବ କି ନାହିଁ ସେଥିପାଇଁ ଅବକାରୀ ବିଭାଗ ପକ୍ଷରୁ ଫର୍ମ-ଏ ନୋଟିସ ଜାରି କରାଯାଇଥାଏ । ପ୍ରତିବର୍ଷ ଅକ୍ଟୋବରରେ ଏହି ପ୍ରକ୍ରିୟା ପାଳନ କରିବା ଅବକାରୀ ବିଭାଗ ପାଇଁ ବୈଧାନିକ ବ୍ୟବସ୍ଥା ରହିଛି । ଲୋକଙ୍କ ଦ୍ୱାରା ଫର୍ମ-ଏ ମଞ୍ଜୁର ହେବାପରେ ମଦ ବିକ୍ରୀ ପାଇଁ ଫର୍ମ-ବିରେ ସରକାରଙ୍କ ନିକଟକୁ ପ୍ରସ୍ତାବ ପଠାଯାଇଥାଏ । ଚଳିତବର୍ଷ ଅକ୍ଟୋବର ସରିବାକୁ ଆଉ ମାତ୍ର ୫ ଦିନ ବାକି ରହିଛି। ମାତ୍ର ଏହି ନୋଟିସକୁ ଅବକାରୀ ବିଭାଗ ନିଜ ଫାଇଲ ଭିତରେ ସୀମିତ ରଖିଛି । ଫଳରେ ଏଭଳି ଏକ ବ୍ୟବସ୍ଥା ବାବଦରେ ସାଧାରଣ ଲୋକଙ୍କ ସାମାନ୍ୟତମ ଧାରଣା ରହୁନାହିଁ । ଏହି ନୋଟିସ ଜାରି ହେବାପରେ ପଞ୍ଚାୟତ, ବିଜ୍ଞାପିତ ଅଞ୍ଚଳ ପରିଷଦ, ପୌର ପରିଷଦ ନିର୍ବାହୀ ଅଧିକାରୀମାନଙ୍କୁ ଲୋକଙ୍କ ଗୋଚରାର୍ଥେ ଦିଆଯାଇଥାଏ। ହେଲେ ଗଣ ମାଧ୍ୟମରେ ଏହି ନୋଟିସ ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପାଉ ନ ଥିବାରୁ ବିଭିନ୍ନସ୍ତରରେ ତାହାକୁ ଚାପି ଦିଆଯାଉଛି। ଜିଲାରେ ୪୨ଟି ଠିପି ବନ୍ଦ ବିଦେଶୀ ମଦ ଦୋକାନ ଚାଲିଛି । ସେହିପରି ୫୮ଟି ଠିପି ଖୋଲା ବିଦେଶୀ ମଦ ଦୋକାନ ରହିଥିବାବେଳେ ୧୭ଟି ଆଷ୍ଟାପଟି ଦେଶୀମଦ ଦୋକାନ ରହିଛି । ଆଗାମୀ ଦିନରେ ଆହୁରି ଦେଶୀ/ବିଦେଶୀ ମଦ ଦୋକାନ ଖୋଲିବାକୁ ପ୍ରସ୍ତାବ ରହିଛି । ମଦ ଦୋକାନ ମାଲିକମାନେ ଅଧିକ ବିକ୍ରୀ ଆଶା ରଖି ଗ୍ରାମାଞ୍ଚଳ ତଥା ଆଭ୍ୟନ୍ତରୀଣ ଅଞ୍ଚଳକୁ ମଦ ଯୋଗାଣ କରୁଛନ୍ତି । ଜିଲାର ଧର୍ମଶାଳା, ବିଞ୍ଝାରପୁର, ବରି, ଦଶରଥପୁର ବ୍ଲକ ଅଞ୍ଚଳର ଗଳିକନ୍ଦିରେ ବଦ ବିକ୍ରୀ ହେଉଥିବା ଅଭିଯୋଗ ହେଉଛି।

ଏ ସଂକ୍ରାନ୍ତରେ ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର କୁମାର ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି, ଏବେ ନୂତନ ମଦ ଦୋକାନଗୁଡିକ ଖୋଲାଗଲେ ସେହି ଫର୍ମ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ବାକି ପୁରୁଣା ମଦ ଦୋକାନଗୁଡିକ ସଂକ୍ରାନ୍ତରେ ଅନ୍‌ଲାଇନରେ ଏ-ଫର୍ମ ଦିଆଯାଉଛି।

# ଏଟିଏମ୍ କାର୍ଡ ବଦଳାଇ ଟଙ୍କା ଲୁଟ୍ କରୁଥିବା ୨ ଯୁବକ ଗିରଫ


ପୋଲିସ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ଦେଉଛନ୍ତି।

ଚଣ୍ଡିଖୋଲ/ଛତିଆ,୨୫।୧୦
(ପ୍ରଦୀପ୍ତ କୁମାର ପୃଷ୍ଟି/ସୌମ୍ୟରଞ୍ଜନ ସାହୁ):

### ୩୪ ଏଟିଏମ୍ କାର୍ଡ, ୫୫ ହଜାର ଟଙ୍କା ଜବତ

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରେ ଏଟିଏମ୍ କାର୍ଡ ବଦଳାଇ ଟଙ୍କା ଲୁଟ୍ କରିବା ଅଭିଯୋଗରେ ବାଲିଚନ୍ଦ୍ରପୁର ପୋଲିସ ୨ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରଛି। ସେମାନେ ହେଲେ କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଶାସନ ଗିରିଶୋଲା ଗ୍ରାମର ପୂର୍ଣ୍ଣଚନ୍ଦ୍ର ମଲିକ ଓରଫ୍ ବିଭୁ ଓ କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ କୋଲର ଗ୍ରାମର କାହ୍ନୁଚରଣ ମଲିକ ଓରଫ୍ କାହ୍ନା। ସେମାନଙ୍କ ନିକଟରୁ ବିଭିନ୍ନ ବ୍ୟାଙ୍କର ୩୪ ଏଟିଏମ୍ କାର୍ଡ, ୩ ମୋବାଇଲ ଫୋନ୍, ଏକ ବାଇକ୍ ଓ ନଗଦ ୫୫ ହଜାର ଟଙ୍କା ଜବତ କରାଯାଇଛି।ଗତ ଶୁକ୍ରବାର ବାଲିଚନ୍ଦ୍ରପୁରସ୍ଥିତ ଷ୍ଟେଟ୍ ବ୍ୟାଙ୍କ ନିକଟରେ ଥିବା ଷ୍ଟେଟ୍ ବ୍ୟାଙ୍କ୍ ଏଟିଏମ୍‌ରେ ଜଣେ ବୟସ୍କ ବ୍ୟକ୍ତି ଟଙ୍କା ଉଠାଉଥିଲେ। ଏହି ସମୟରେ କାହ୍ନା ତାଙ୍କ ଏଟିଏମ୍ କାର୍ଡ ବଦଳାଇଥିଲେ। ବ୍ୟକ୍ତି ଜଣକ ଜାଣି ପାରି ତାଙ୍କୁ ଧରିବା ସହ ସ୍ଥାନୀୟ ଲୋକଙ୍କୁ ଡାକ ପକାଇଥିଲେ। ସ୍ଥାନୀୟ ଲୋକେ ଆସି କାହ୍ନାଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ପୋଲିସ କାହ୍ନାଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ତାଙ୍କ ସହଯୋଗୀ ବିଭୁଙ୍କୁ ଧରିଥିଲା। ଉଭୟେ ଯାଜପୁର ଜିଲାର ବାଲିଚନ୍ଦ୍ରପୁର, ବଡ଼ଚଣା, ବୈରୀ ଓ କୁଆଖିଆ ଥାନା ଅଞ୍ଚଳରେ ବହୁ ଏଟିଏମ୍ କାର୍ଡ ବଦଳାଇ ଟଙ୍କା ଲୁଟ କରିଥିବା ଥାନା ଅଧିକାରୀ ପ୍ରମୋଦିନୀ ସାହୁ ସୂଚନା ଦେଇଛନ୍ତି। ଏନେଇ ଥାନାରେ ନଂ.୩୬୩/୨୩ରେ ଏକ ମାମଲା ରୁଜୁ ହୋଇଛି।


କାଳିଆପାଣି ଖଣି ଅଞ୍ଚଳର ସୌରିକ ଦୁର୍ଗାପୂଜା ପଡ଼ିଆରେ ରାବଣ ପୋଡ଼ିରେ ସାମିଲ ହୋଇଥିବା କଳାକାରମାନେ।

# ଖଣି ଅଞ୍ଚଳରେ ରାବଣ ପୋଡ଼ି

କାଳିଆପାଣି,୨୫।୧୦(ଅସିତ ମହାନ୍ତ):

କାଳିଆପାଣି ଖଣି ଅଞ୍ଚଳର ସୌରିକ ଦୁର୍ଗାପୂଜା ପଡ଼ିଆରେ ରାବଣ ପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ ଉନ୍ନୟନ, ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାବଣ ଦେହରେ ଅଗ୍ନି ସଂଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ମନଲୋଭା ଆତସ ବାଜି ପ୍ରଦର୍ଶନ କରାଯାଇଥିଲା। ସ୍ଥାନୀୟ କଳାକାରମାନେ ରାମ, ଲକ୍ଷ୍ମଣ, ବାନର ସେନା, ରାବଣ ଓ ଅସୁର ଭୂମିକାରେ ଅଭିନୟ କରିଥିଲେ। ପୂଜା କମିଟିର କାର୍ଯ୍ୟକାରୀ ସଭାପତି ନାରାୟଣ ଚନ୍ଦ୍ର ଧୀର, ବିଦ୍ୟାଧର ପାତ୍ର, ପ୍ରାଣକୃଷ୍ଣ ମହାନ୍ତ, ଆଶିଷ କୁମାର ଜେନା, ବିକାଶ ପାତ୍ର ଓ ଧନେଶ୍ୱର ମହାନ୍ତ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୫୦୦ରୁ ଊର୍ଦ୍ଧ୍ୱ ସ୍ଥାନୀୟ ସ୍ୱେଚ୍ଛାସେବୀ ଓ କାଳିଆପାଣି ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା। କାର୍ଯ୍ୟକ୍ରମକୁ ଉପଭୋଗ କରିବା ନିମନ୍ତେ ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଜନ ସମାଗମ ହୋଇଥିଲା।



### କଳାପଥର ଖନନବେଳେ କମ୍ପ୍ରେଶର ଜବତ

ଧର୍ମଶାଳା,୨୫।୧୦(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ତହସିଲ ଅନ୍ତର୍ଗତ ସାହାଣୀଡ଼ିହ-୨ ନମ୍ବର ଖାଦାନରେ ବେଆଇନ ଭାବେ କଳାପଥର ଖନନ କରୁଥିବା ଏକ କମ୍ପ୍ରେଶରକୁ ବଳରାମପୁର-୨ ରାଜସ୍ୱ ନିରୀକ୍ଷକ ଜବତ କରିଛନ୍ତି। ଖାଦାନରେ ବେଆଇନଭାବେ ବ୍ଲାଷ୍ଟି ପାଇଁ ହୋଲ କରାଯାଉଥିବା ଖବର ପାଇ ରାଜସ୍ୱ ନିରୀକ୍ଷକ ଚନ୍ଦନ କୁମାର ସାହୁ ପହଞ୍ଚି ଚଢ଼ାଉ କରିଥିଲେ। ପରେ ନଂ.ଓଆର-୦୪-ଜେ-୦୨୪୪କମ୍ପ୍ରେଶରକୁ ଜବତ କରିଥିଲେ।

### ଯୁବକଙ୍କ ମୃତଦେହ ଜବତ, ହତ୍ୟା ସନ୍ଦେହ

ଚାନ୍ଦବାଲି,୨୫।୧୦(କିଷାନ ପାତ୍ର)

ଚାନ୍ଦବାଲି ବ୍ଲକ ଭାଟପଡ଼ା ପଞ୍ଚାୟତ ବାଣପୁର ଗାଁରେ ଜଣେ ଯୁବକଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଏକ ଗଛରୁ ଉଦ୍ଧାର କରାଯାଇଛି। ମୃତ ଯୁବକ ହେଲେ ଉକ୍ତ ଗାଁର ଅକ୍ଷୟ ମହାଳିକଙ୍କ ପୁଅ ପ୍ରକାଶ। ସେ ୪ ଦିନ ହେବ ଘରକୁ ଫେରି ନ ଥିବା ବେଳେ ସୋମବାର ତାଙ୍କର ମୃତଦେହ ଗ୍ରାମ୍ୟ ଜଙ୍ଗଲର ଏକ ଗଛରେ ଝୁଲୁଥିବା ଗ୍ରାମବାସୀ ଦେଖିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏନେଇ ଚାନ୍ଦବାଲି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଧର୍ମଶାଳା ସାହିତ୍ୟ ସମାଜର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଅତିଥିମାନେ ପତ୍ରିକା ଉନ୍ମୋଚନ କରୁଛନ୍ତି।

ଧର୍ମଶାଳା,୨୫।୧୦(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ସାହିତ୍ୟ ସମାଜର ୩୪ତମ ବାର୍ଷିକ ଉତ୍ସବ, ପୁରସ୍କାର ପ୍ରଦାନ ଓ ପତ୍ରିକା ଉନ୍ମୋଚନ ପର୍ବ ମଙ୍ଗଳବାର ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି କାମଦେବ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବକୁ ସ୍ତମ୍ଭକାର ଦାସ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଗଣଶିକ୍ଷା ବିଭାଗର ପ୍ରାକ୍ତନ ନିର୍ଦ୍ଦେଶକ ଡ. ଶରତ କୁମାର ବିଶ୍ୱାଳ ଯୋଗଦେଇ ସାହିତ୍ୟ ଓ ମଣିଷ ପରସ୍ପର ପରିପୂରକ। ମଣିଷ ଜୀବନରେ ସାହିତ୍ୟ ହିଁ ଅନ୍ତରଙ୍ଗ ବନ୍ଧୁ ବୋଲି ମତବ୍ୟକ୍ତ କରିଥିଲେ। ସମ୍ପାଦକ ଡକ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲାବେଳେ ଡ. ରାଜକିଶୋର ପାଢ଼ୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ଶାରଦୀୟ ବିଶେଷାଙ୍କ ଗଙ୍ଗଶିଉଳି ପତ୍ରିକାକୁ ଅତିଥି ଉନ୍ମୋଚନ କରିଥିଲେ। ପତ୍ରିକା ସମ୍ପର୍କରେ ଡ. ଜଗନ୍ନାଥ ଜେନା ସୂଚନା ଦେଇଥିଲେ। ପରେ ଧର୍ମଶାଳା ସାହିତ୍ୟ ସମାଜ ସମ୍ମାନ ପିନାକୀ ମିଶ୍ର, ବୀରକିଶୋର ପାଢ଼ୀ ଶିଶୁ ସାହିତ୍ୟ ସମ୍ମାନ ଡ. ଶରତ କୁମାର ବିଶ୍ୱାଳ, ବାବାଜୀ ଚରଣ ନାୟକ ସ୍ମୃତି ସମ୍ମାନ କୃଷକ ଲୋକନାଥ ପଲେଇ ଓ ସୌଗନ୍ଧିକା ସମ୍ମାନ ଗୋମତୀ ପଣ୍ଡାଙ୍କୁ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ମାନପତ୍ରଗୁଡ଼ିକୁ ଯୁଧିଷ୍ଠିର ସ୍ୱାଇଁ, ସବିତା ମିଶ୍ର, ଯୁଗଳ କିଶୋର ଦାସ ଓ ପ୍ରଫୁଲ୍ଲ କୁମାର ସ୍ୱାଇଁ ପାଠ କରିଥିଲେ। ପରେ ଅତିଥିଙ୍କୁ ଉପଢ଼ୌକନ ପ୍ରଦାନ କରି ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ମନୋରଞ୍ଜନ ମହାନ୍ତିଙ୍କ ଇଂରାଜୀ ପୁସ୍ତକ ଓର୍ଦ୍ଦିଜ ଅଫ ସୋସାଇଟି, ଗୋଲକ ଚନ୍ଦ୍ର ପଲେଇଙ୍କ-ସେବା ସାଗର, ଗୋବିନ୍ଦଚନ୍ଦ୍ର ସାହୁଙ୍କ- ପାଣ୍ଡବଙ୍କ ବନବାସ ଓ ଅଜ୍ଞାତବାସ ପୁସ୍ତକ ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। କାର୍ଯ୍ୟକାରୀ ସଭାପତି କାହ୍ନୁଚରଣ ଦାଶ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନ କବିତା ପାଠୋତ୍ସବ ବେଣୁଧର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ।

# ଗୋପାଳପୁରରେ ଦଶହରା ଭେଟଘାଟ

### ବୁଣାକାର ସମ୍ପ୍ରଦାୟ ପକ୍ଷରୁ ଜୁହାର ପର୍ବ, ପ୍ରତିଭା ସମ୍ମାନ ଉତ୍ସବ

ରସୁଲପୁର,୨୫।୧୦(ରଞ୍ଜିତ ରାଉତ):


ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ହୋଇଥିବା ପ୍ରତିଭାମାନେ।

ରସୁଲପୁର ବ୍ଲକ ଅନ୍ତର୍ଗତ ପ୍ରଥମାଖଣ୍ଡ ପଞ୍ଚାୟତ ଗୋପାଳପୁର ଗାଁର ବୁଣାକାର ପରିବାର ମଧ୍ୟରେ ଦଶହରା ଭେଟଘାଟ ପାଳିତ ହୋଇଯାଇଛି। ଏଠାରେ ଆୟୋଜିତ ପର୍ବକୁ ଜୁହାର ପର୍ବ ବୋଲି କୁହାଯାଉଛି। ଜୟ ଜଗନ୍ନାଥ ବୁଣାକାର ମହାପ୍ରସାଦ ସେବା ସମିତି ପକ୍ଷରୁ ଆୟୋଜିତ ଜୁହାର ପର୍ବ ଓ ପ୍ରତିଭା ସମ୍ମାନ ଉତ୍ସବ କାର୍ଯ୍ୟକ୍ରମରେ ବୁଣାକାର ନେତା ରମେଶ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବର୍ଷିୟାନ ଚିକିତ୍ସକ ଡାକ୍ତର ନୀଳମାଧବ ରଥ ଯୋଗଦେଇ ମା' ମାଟିର ସମ୍ମାନକୁ ଉଚ୍ଚା କରିବା ସହ ମାନବ ସେବା ମାଧବ ସେବା ବୋଲି କହିଥିଲେ। ସେ କିଭଳି ନିଶୁଳ୍କ ସେବା ଯୋଗାଇ ଆସୁଛନ୍ତି ସେ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଡାକ୍ତରୀ ସେବା କ୍ଷେତ୍ରରେ ଗୋପାଳପୁର ଗାଁ ସମସ୍ତଙ୍କ ପାଇଁ ଉଦାହରଣ ସାଜିଛି। ଏହି ଗାଁର କଳାକୃତି, କୃତିତ୍ୱ ବିଶ୍ୱ ଦରବାରରେ ପରିଚିତ। ଏହି ମାଟିରେ ତାଙ୍କୁ ସମ୍ମାନିତ କରାଯାଇଥିବାରୁ ସେ ବିଶେଷ ଖୁସି ବୋଲି ମତବ୍ୟକ୍ତ କରିଥିଲେ। ଗାଁ ପୁଅ ଡାକ୍ତର ସତ୍ୟରଞ୍ଜନ ଦାସ, ତାଙ୍କ ସ୍ତ୍ରୀ ଡାକ୍ତର ସୁଚରିତା ଦାସ, ଡାକ୍ତର ସୁଶାନ୍ତ ଖିଲାର, ସ୍ତ୍ରୀ ଡାକ୍ତର ଉପାସନା ପାତ୍ର, ସମିତିସଭ୍ୟ ପୂର୍ଣ୍ଣାନନ୍ଦ ପଲେଇ, ସରପଞ୍ଚ ଦୁର୍ଗା ଦାସ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଗୋପାଳପୁର ଗାଁର ଇତିହାସ ଓ ଐତିହ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ।

୫୦୦ବର୍ଷ ତଳେ ଧର୍ମ ପ୍ରଚାରକ ଭାବରେ ଶ୍ରୀଚୈତନ୍ୟ ମହାପ୍ରଭୁ ଓ ତାଙ୍କର ଘନିଷ୍ଠ ସହଯୋଗୀ ଗୌର ମହାପ୍ରଭୁ ଓଡ଼ିଶାକୁ ଆଗମନ କରିଥିଲେ। ବ୍ରାହ୍ମଣୀ ନଦୀତଟର ମନୋରମ ପରିବେଶରେ ମୋହିତ ହୋଇ ନିତାଇ ଗୌରଙ୍କ ବଂଶଧର ଏହି ଅଞ୍ଚଳରେ ବସତି ସ୍ଥାପନ କରିଥିଲେ। ସେହି ବଂଶର ଅଂଶ ବିଶେଷ ହେଉଛନ୍ତି ଗୋପାଳପୁର ବୁଣାକାର ପରିବାର। ବୁଣାକାରମାନେ ସେମାନଙ୍କ ସମସ୍ତ ମାଙ୍ଗଳିକ କାର୍ଯ୍ୟ ନିତାଇଗୌରଙ୍କ ନାମକୀର୍ତ୍ତନରୁ ଆରମ୍ଭ କରିଥାଆନ୍ତି। ପ୍ରତ୍ୟେକ କାର୍ଯ୍ୟକ୍ରମକୁ ନିଆରା ଢଙ୍ଗରେ ପାଳନ କରନ୍ତି ବୋଲି ବକ୍ତାମାନେ ମତବ୍ୟକ୍ତି କରିଥିଲେ। ଏହି ଅବସରରେ ବର୍ଷିୟାନ ବୁଣାକାର ଜୟରାମ ଚନ୍ଦ, ନରେନ୍ଦ୍ର ଦାସ, ଗୟାଧର ଦେବତା, ଶଶଧର ଦାସ, ମାୟାଧର ଗୁଇଁ ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରଣୀୟ ଦେଇ ସମ୍ମାନିତ କରାଯାଇଥିଲା। ସମିତି ସଭାପତି ଅମୂଲ୍ୟ ସୁର, ସମ୍ପାଦକ ଚତୁର୍ଭୁଜ ଚନ୍ଦ, ଚତୁର୍ଭୁଜ ଦାସ, ବୈକୁଣ୍ଠ ସୁର ଓ ରବୀନ୍ଦ୍ର ଦାସ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଥାନା ଘେରିଲେ ଗ୍ରାମବାସୀ

### ଭତ୍ତା ଟଙ୍କା ପାଇଁ ମହିଳାଙ୍କୁ ଗାଳିଗୁଲଜ

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୨୫।୧୦
(ପ୍ରଦୀପ୍ତ କୁମାର ପୃଷ୍ଟି/ଗିରିଜା ପ୍ରସାଦ ସାହୁ):



ଗ୍ରାମବାସୀ ବାଲିଚନ୍ଦ୍ରପୁର ଥାନା ଘେରାଉ କରିଛନ୍ତି।

ବଡ଼ଚଣା ବ୍ଲକ ଅନ୍ତର୍ଗତ ଅଣକା ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ସମରେନ୍ଦ୍ର ମହାପାତ୍ର ଅଣକା ଗ୍ରାମର ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ସ୍ତ୍ରୀ ଟଭା ବେୱାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ଜାତିଆଣ ଆକ୍ଷେପ କରିଛନ୍ତି। ପରେ ପଞ୍ଚାୟତ ଅଫିସରୁ ତଡ଼ି ଦେଇଛନ୍ତି। ଏନେଇ ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ ହୋଇଛି। ତେବେ ଅଭିଯୋଗ ଆଧାରରେ ପୋଲିସ କାର୍ଯ୍ୟାନୁଷ୍ଠାନ ନ ନେବା ପ୍ରତିବାଦରେ ବୁଧବାର ଅଣକା ଗ୍ରାମର ବହୁ ବ୍ୟକ୍ତି ବାଲିଚନ୍ଦ୍ରପୁର ଥାନା ଘେରାଉ କରିଥିଲେ। ପୋଲିସ ଘଟଣାର ତଦନ୍ତ କରିବାକୁ ପ୍ରତିଶ୍ରୁତି ଦେବାପରେ ଗ୍ରାମବାସୀ ଆନ୍ଦୋଳନରୁ ଓହରି ଯାଇଛନ୍ତି।

ଅଭିଯୋଗ ଅନୁଯାୟୀ, ଟଭା ଗତ ୧୮ ତାରିଖରେ ପଞ୍ଚାୟତ କାର୍ଯ୍ୟାଳୟ ଖଡ଼ିଅଙ୍ଗକୁ ଯାଇଥିଲେ। ପୂର୍ବରୁ ପାଉଥିବା ଭତ୍ତା ଟଙ୍କା ଗତ ୬ ମାସ ହେବ ସେ ପାଉ ନ ଥିବା ନେଇ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ସମରେନ୍ଦ୍ର ମହିଳାଙ୍କୁ ଗାଳି ଗୁଲଜ କରିବା ସହ ତୁରନ୍ତ ସ୍ଥାନ ଛାଡ଼ି ଚାଲିଯିବାକୁ ଧମକ ଦେଇଥିଲେ। ଟଭା ତାଙ୍କୁ ତୁମେ କିଏ କହିବାକୁ ବୋଲି ପ୍ରଶ୍ନ କରିବାରୁ ସେ ଜାତିଆଣ ଆକ୍ଷେପ କରି ଗାଳି କରିବା ସହ ସେଠାରୁ ଟଭାଙ୍କୁ ତଡ଼ି ଦେଇଥିଲେ। ଅନ୍ୟପକ୍ଷରେ ପଞ୍ଚାୟତରେ ଭତ୍ତା ଟଙ୍କା ହଡପ ହୋଇଥିବା ଅଭିଯୋଗ ହୋଇଛି। ପ୍ରାୟ ୧୦ ଲକ୍ଷ ହଡ଼ପ କରାଯାଇଥିବା ଅଭିଯୋଗ କରାଯାଇଛି। ଏ ନେଇ ବିଡିଓ ରବୀନ୍ଦ୍ର କୁମାର ପ୍ରଧାନଙ୍କୁ ପଚାରିବାରେ ଭତ୍ତା ଟଙ୍କା ହଡ଼ପ ଘଟଣାକୁ ସେ ପରୋକ୍ଷରେ ସ୍ୱୀକାର କରି ବିଏସ୍ଏସ୍ଓଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ଖୁବ୍‌ଶୀଘ୍ର ଏହାର ସମାଧାନ ହୋଇଯିବ ବୋଲି କହିଛନ୍ତି।

# ମା’ଦୁର୍ଗାଙ୍କୁ ମେଲାଣି, ରାବଣପୋଡ଼ି



ମା’ଦୁର୍ଗାଙ୍କୁ ହଂସୁଆ ନଦୀରେ ନୌକାରେ ନିଆଯାଇ ୭ଘେରା ଚାପ ଖେଳାଇବା ପରେ ବିସର୍ଜନ କରାଯାଇଛି।

## ଡଙ୍ଗାରେ ଯାଇ ହଂସୁଆ ନଦୀରେ ବିସର୍ଜନ

ରାଜନଗର,୨୫।୧୦(ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ରାଜନଗରରେ ଶାରଦୀୟ ଦୁର୍ଗାପୂଜା ଶେଷ ହୋଇଛି। ବୁଧବାର ମା’ଙ୍କୁ ହଂସୁଆ ନଦୀରେ ମେଲାଣି ଦିଆଯାଇଛି। ପରମ୍ପରା ଅନୁଯାୟୀ, ଗୋପାଳ ସମ୍ପ୍ରଦାୟର ଲୋକେ ମା’ଦୁର୍ଗାଙ୍କୁ କାନ୍ଧରେ ବୋହି ରାଜନଗର ବଜାର ପରିକ୍ରମା କରି ହଂସୁଆ ନଦୀକୂଳରେ ପହଞ୍ଚାଇଥିଲେ। ଘଣ୍ଟଘଣ୍ଟା ଓ ପାରମ୍ପରିକ ବାଦ୍ୟ ସହିତ ହରିବୋଲ ହୁଳହୁଳି ଧ୍ୱନିରେ ମା’ଙ୍କୁ ମେଲାଣି ଦିଆଯାଇଥିଲା। ହଂସୁଆ ନଦୀରେ ଥିବା ସୁସଜ୍ଜିତ ନୌକାରେ ମା’ ବସି ୭ ଘେରା ଚାପ ଖେଳିଥିଲେ। ମା’ ନଦୀରେ ୭ ଘେରା ଚାପ ଖେଳିବା ପରେ ମେଲାଣି ନେଇଛନ୍ତି। ମା’ ଦୁର୍ଗାଙ୍କ ସହିତ ଗଳିଦାଣ୍ଡର ବନଦୁର୍ଗା, ସାନବଡ଼ଗୋପାଳପୁରର ମା’ଶାରଳା, ମାଛ ମାର୍କେଟର ମା’ଗଙ୍ଗାମାତା ଓ ପୁରୁଣା ବଜାରର ହରଗୌରୀ, ଘାଟଗଳିର ସାଇବାବାଙ୍କ ମୃଣ୍ମୟ ପ୍ରତିମାକୁ ସୁସଜ୍ଜିତ ନୌକାରେ ଚାପଖେଳ ମାଧ୍ୟମରେ ମେଲାଣି ଦିଆଯାଇଛି। ଜଳପଥରେ ଏପରି ବିରଳ ଓ ନିଆରା ଭସାଣି ଉତ୍ସବ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଭସାଣି ଶୋଭାଯାତ୍ରାରେ ଶାରଦୀୟ ଦୁର୍ଗାପୂଜା କମିଟିର ସ୍ଥାୟୀ ସଭାପତି ତଥା ରାଜନଗର ଆଇଆଇସି ଅଜୟ କୁମାର ଜେନା, ଶାନ୍ତି କମିଟିର ସଭାପତି ତଥା ତହସିଲଦାର ଅଜୟ କୁମାର ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।



ଶୋଭାଯାତ୍ରାରେ ଜାରକା ଧର୍ମଶାଳା ମହୋତ୍ସବ ପୂଜା କମିଟିର ମେଢ଼।



ଧର୍ମଶାଳା ବ୍ଲକ ବଡ଼କାଏମା ପଞ୍ଚାୟତ ଶେରପୁର ଗ୍ରାମର ମା’ଦୁର୍ଗାଙ୍କୁ ବିସର୍ଜନ ପାଇଁ ଶୋଭାଯାତ୍ରାରେ ନିଆଯାଉଛି।



ଗରଦପୁର ବ୍ଲକ ପାଟକୁରାରେ ଦୁର୍ଗାଙ୍କୁ ଭସାଣି ପାଇଁ ନିଆଯାଉଛି।



ପଟ୍ଟାମୁଣ୍ଡାଇ ବ୍ଲକ କଚେରି ଦୁର୍ଗାଙ୍କୁ ଭସାଣି ଶୋଭାଯାତ୍ରାରେ ଯାଉଛନ୍ତି।



ଜଗତ୍‌ସିଂହପୁର ଜିଲାପାଳଙ୍କ ପଡ଼ିଆରେ ଅନୁଷ୍ଠିତ ଭସାଣି ମେଳଣରେ ଲୋକଙ୍କ ଭିଡ଼।



ମଙ୍ଗଳବାର ଶ୍ରୀରାମ କ୍ଲବ୍ ପକ୍ଷରୁ ଅନୁଷ୍ଠିତ ‘ରାବଣଙ୍କ ସୀତା ହରଣ’ ଦୃଶ୍ୟ।



ଜଗତ୍‌ସିଂହପୁର ଜିଲାପାଳଙ୍କ ପଡ଼ିଆରେ ରାବଣପୋଡ଼ି।



ଯାଜପୁର ବ୍ଲକ୍ ଅଧୀନ ମହେଶ୍ୱରପୁର ପଞ୍ଚାୟତର କବିରପୁର ଦଶହରା ପଡ଼ିଆରେ ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିବା ବିଭିନ୍ନ ମଣ୍ଡପର ମେଢ଼।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅମ୍ବିକା



@ ଚନ୍ଦ୍ରଶେଖର



@ କୃଷ୍ଣପ୍ରସାଦ



@ ସୁକାନ୍ତ



@ ବବ୍ଲୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।



ଯାଜପୁର ସହରର ବଡ଼ବଜାର ମେଢ଼କୁ ବୈତରଣୀ ନଦୀର ଦେବୀଗଡ଼ା ଘାଟକୁ ନିଆଯାଉଛି।

# ଦଶହରା ରାତିରେ କନକଦୁର୍ଗା ପିନ୍ଧନ୍ତି ତୁଳସୀମାଳ


ଯାତ୍ରା ପଡ଼ିଆରେ ଚାଲିଛି ଦଶହରା ପୂଜା।


ବାରହାତ କାଠି ଠାକୁରାଣୀଙ୍କୁ ପୂଜାସ୍ଥଳକୁ ନିଆଯାଉଛି।

- ଆମିଷ ଭୋଗରେ ପଡ଼େ ବେଲପତ୍ର
- ବିଜୟା ଦଶମୀରେ ବନ୍ଦ ରୁହେ ଜଗନ୍ନାଥଙ୍କ ସନ୍ଧ୍ୟା ଆଳତି
- ୩ ତୋପ ଫୁଟିଲେ ଉଦ୍‌ଯାପିତ ହୁଏ ଦଶହରା ପର୍ବ

**ନୟାଗଡ଼,୨୫।୧୦(ଲୋକନାଥ ମିଶ୍ର)**

ନୟାଗଡ଼ ପୁରୁଣା ସହରର ଜଗନ୍ନାଥ ମନ୍ଦିରରେ ଶାରଦୀୟ ପର୍ବର ଦଶହରା ରାତିରେ ବର୍ଷକୁ ଥରେ ମା'କନକଦୁର୍ଗାଙ୍କୁ ଲାଗି ହୁଏ ତୁଳସୀମାଳ। କନକଦୁର୍ଗାଙ୍କ ଶାରଦୀୟ ପର୍ବ ଯୋଗୁ ଜଗନ୍ନାଥ ମନ୍ଦିରରେ ଦଶହରା ସନ୍ଧ୍ୟାରେ ବନ୍ଦ ରୁହେ ଆଳତି। ଜଗନ୍ନାଥ ମନ୍ଦିରରେ ମା'କନକଦୁର୍ଗାଙ୍କ ପ୍ରବେଶ ପରେ ଜଗନ୍ନାଥଙ୍କ ହୋଇଥାଏ ଆଳତି। ସେହିପରି କନକଦୁର୍ଗାଙ୍କ ୧୬ ଦିନ ପର୍ବରେ ଆମିଷ ଭୋଗରେ ଲାଗିହୁଏ ବେଲପତ୍ର। ପର୍ବର ଶେଷ ସମୟରେ ୩ଟି ତୋପ ଫୁଟିଲେ ଦଶହରା ପର୍ବର ଅବସାନ ଘଟେ। ଭକ୍ତମାନେ ନିଜ ଘରେ ଦଶହରା ସଜ ଉଠାଇଥାନ୍ତି। ଅନ୍ୟପକ୍ଷେ କନକଦୁର୍ଗାଙ୍କୁ କେବଳ ଶାରଦୀୟ ପୂଜରେ ୧୬ ଦିନ ଦର୍ଶନ କରାଯାଇଥାଏ। ମହିଳାଙ୍କୁ ମା'ଙ୍କର ଦର୍ଶନ ବାରଣ ରହିଥିଲା। ରାଜା ଶାସନହଟିବା ଓ ପ୍ରଶାସନ ଦାୟିତ୍ୱ ନେବା ପରେ ମହିଳାମାନେ ମା'ଙ୍କୁ ଦର୍ଶନ କରିବାରେ ଆଉ ବାରଣ କରିବାର ପରମ୍ପରା ନାହିଁ। ପୁଣି ପର୍ବ ସମୟରେ ଆଉ ପୁରୁଣାସହରର ଘର ସମ୍ମୁଖରେ ଦୀପ, ପୂର୍ଣ୍ଣକୁମ୍ଭ ଦେଖିବାକୁ ମିଳୁନି।

ନୟାଗଡ ପୁରୁଣା ସହରର ରାଜବାଟୀର ପରବ ଘରୁ ମା' ଶୁଳିଆ, ତରକେଇ ଦେବୀ, ବ୍ରାହ୍ମଣୀଦେବୀ, ମା'ବାଉରୀ, ଦାନ୍ତିଦୁର୍ଗା, ବିଶ୍ୱନାଥ, ପିଲା ଜଗନ୍ନାଥ(ମାଧବ), ଗଡ଼ର ଅଧିଶ୍ୱରୀ କନକ ଦୁର୍ଗା, କାଠି ଠାକୁରାଣୀ ଏକ ଆଟୋପ ପଟୁଆରରେ ଦଶହରା ସନ୍ଧ୍ୟାରେ ପୁରୁଣା ସହର ପରିକ୍ରମା କରିଥିଲେ। ପରେ ଜିଲା ଦୌରାଜଜଙ୍କ ବାସଭବନ ନିକଟସ୍ଥ ଯାତ୍ରା ପଡ଼ିଆରେ ପହଞ୍ଚିବା ପରେ କନକ ଦୁର୍ଗାଙ୍କ ରାଜଗୁରୁ ମୁଖ୍ୟପୂଜକ ଚିତ୍ତରଞ୍ଜନ ଦାଶ ଷୋଡଶ ଉପଚାରରେ ଆଳତୀ, ଧୂପ, ନୀତିକାନ୍ତି କରିଥିଲେ। ପର୍ବ ଚାଲୁଥିବା ସମୟରେ କେତେଜଣ ବ୍ୟକ୍ତି କ୍ରୀଡା ମାଧ୍ୟମରେ ନିଜର ସାହାସିକତାର ପରିଚୟ ଦେଖାଇଥିଲେ। ପର୍ବ ଶେଷ ସମୟରେ ଗଡ଼ର ପଶ୍ଚିମ ଦିଗ ବଳରାମ ପାହାଡ଼କୁ ତିନୋଟି ତୋପ ମରାଯାଇଥିଲା। ତୋପ ଶବ୍ଦ ଶୁଣିଲେ ଦଶହରା ପର୍ବର ଅନ୍ତଃ ଘଟିଲା ବୋଲି ବୁଝାପଡେ। ତୋପ ଫୁଟିବା ସମୟରେ ପରମ୍ପରା ମୁତାବକ ଇଷ୍ଟ ଦେବୀଙ୍କୁ ସ୍ମରଣ କରାଯାଇ ଦୁର୍ଗା ମାଧବଙ୍କ ଚରଣ ଶରଣେ, ଶ୍ରୀ ଗଣେଶାୟ ନମଃ କୁହାଯାଇ ବାସଗୃହ, ପୂଜାସ୍ଥଳୀ, ଗ୍ରାମ ମଣ୍ଡପରୁ ଦଶହରା ସଜ ଉଠିଥାଏ। ଯାତ୍ରା ପଡ଼ିଆରେ ମା'କନକ ଦୁର୍ଗାଙ୍କ ସମେତ ସମସ୍ତ ଦେବାଦେବୀଙ୍କୁ ଯୋଡିହସ୍ତରେ ଜିଲା, ରାଜ୍ୟ ଓ ଦେଶର ମଙ୍ଗଳକାମନା ପାଇଁ ପ୍ରାର୍ଥନା କରାଯାଏ। ପରେ ପରେ କାଠି ଠାକୁରାଣୀଙ୍କ ସମେତ ଦେବାଦେବୀ ରାଜ ନଅରର ପରବ ଘରକୁ ପ୍ରସ୍ଥାନ କରିଥାନ୍ତି। କିନ୍ତୁ ଦାନ୍ତିଦୁର୍ଗାଙ୍କ ସମେତ କନକଦୁର୍ଗା, ବିଶ୍ୱନାଥ, ପିଲା ଜଗନ୍ନାଥ ମୁଖ୍ୟଦେବତା ଜଗନ୍ନାଥ ମନ୍ଦିରକୁ ବିଜେ ହୁଅନ୍ତି। ପରମ୍ପରା ମୁତାବକ ଗଡ଼ର ଇଷ୍ଟ ଆରାଧ୍ୟା ଦେବୀ କନକ ଦୁର୍ଗାଙ୍କର ଶାରଦୀୟ ପର୍ବ ପାଳନ ହେଉଥିବାରୁ ଦଶହରା ସନ୍ଧ୍ୟାରେ ନୟାଗଡ ପୁରୁଣା ସହରର ଜଗନ୍ନାଥଙ୍କର ଆଳତୀ ବନ୍ଦ ହୋଇଥାଏ। କନକଦୁର୍ଗା ମନ୍ଦିରକୁ ବିଜେ ହେବା ପରେ ମୁଁ ମଣିଷ ମାରିନି, ରକ୍ତ ପିଇନି ଓ ଆଇଁଷ ଖାଇନି ବୋଲି ଜଗନ୍ନାଥ ମହାପ୍ରଭୁଙ୍କ ସମ୍ମୁଖରେ ନିୟମ କରାଇ ବୁଝାଇଥାନ୍ତି। ପରେ ଶ୍ରୀଜଗନ୍ନାଥଙ୍କ ଆଳତୀ କରାଯାଏ। ଜଗନ୍ନାଥ ଆଳତୀ କାଠିରେ ମା'କନକ ଦୁର୍ଗାଙ୍କୁ ଆଳତୀ କରାଯାଏ। ଶ୍ରୀଜୀଉଙ୍କର ଶ୍ରୀଅଙ୍ଗ ତୁଳସୀ ମାଳ ମା'ଙ୍କୁ ପିନ୍ଧାଯାଏ। ଶ୍ରୀ ବିଷ୍ଣୁ ଓ ବିଷ୍ଣୁମାୟାଙ୍କ ଅପୂର୍ବ ମିଳନ ପରେ ଦାନ୍ତିଦୁର୍ଗା ଜଗନ୍ନାଥଙ୍କ ରତ୍ନ ସିଂହାସନକୁ ଫେରନ୍ତି। କନକ ଦୁର୍ଗା, ମାଧବ ଓ ବିଶ୍ୱନାଥ ଦେବ ଜଗନ୍ନାଥଙ୍କ ଠାରୁ ବିଦାୟ ନେଇ ରାଜନଅରର ପରବ ଘରକୁ ଫେରନ୍ତି। ଏହା ପରେ ଷୋଳ ଦିନର ଦଶହରା ପର୍ବ ପରିସମାପ୍ତ ଘଟେ।

## ରାବଣ ପୋଡ଼ି ଉତ୍ସବ

ଦଶହରା ସନ୍ଧ୍ୟାରେ ଜିଲା ଦୌରାଜଜଙ୍କ ବାସଭବନ ନିକଟସ୍ଥ ଯାତ୍ରା ପଡ଼ିଆରେ କନକଦୁର୍ଗାଙ୍କ ଦଶହରା ପର୍ବ ପାଳନ ହେଉଥିଲା। ପର୍ବ ଶେଷ ସମୟରେ ଯାତ୍ରା ପଡ଼ିଆ ନିକଟସ୍ଥ ମା'ଦକ୍ଷିଣ କାଳୀ ପଡ଼ିଆରେ ରାବଣ ପୋଡି ଉତ୍ସବ ଅନୁଷ୍ଠିତ ହୋଇଥିଲା। ରାବଣ ପୋଡ଼ି ଉତ୍ସବ ଚାଲୁଥିବା ସମୟରେ ବାଣର ଅସର ଜମିଥିଲା। ଦଶହରା ପର୍ବ ଓ ରାବଣ ପୋଡ଼ି ଦେଖିବା ପାଇଁ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା।


ନୟାଗଡ଼ରେ ଭସାଣି ଶୋଭାଯାତ୍ରାରେ ସାମିଲ ଦକ୍ଷିଣକାଳୀ ମନ୍ଦିର ସମ୍ମୁଖ ହରଗୌରୀ ମେଢ଼।


ଓଡ଼ଗାଁ ବ୍ଲକ ଡିମିସରଠାରେ ପିଲାମାନେ ଭସାଣି ପାଇଁ ମେଢ଼କୁ କାନ୍ଧେଇ ନେଉଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅମ୍ବିକା


@ ଚନ୍ଦ୍ରଶେଖର


@ କୃଷ୍ଣପ୍ରସାଦ


@ ସୁକାନ୍ତ


@ ବବ୍ଲୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପାରା ଦେହରେ ସ୍ୱ ଆସ୍ଥାନକୁ ଫେରିଲେ ମା' ଖିଲାମୁଣ୍ଡା

**ରଣପୁର,୨୫।୧୦ (ସୁକାନ୍ତ କିଶୋର ଡାକୁଆ)**

ନୟାଗଡ଼ ଜିଲା ରଣପୁରର ବାନ୍ଧମୁଣ୍ଡା ମାଳ ଜଙ୍ଗଲ ଭିତରେ ଅବସ୍ଥାପନ କରୁଥିବା ଆରାଧ୍ୟା ଦେବୀ ମା' ଖିଲାମୁଣ୍ଡା ରଣପୁର ରାଜାଙ୍କ ନିମନ୍ତ୍ରଣରେ ଗତ ଦ୍ୱିତୀୟା ଓଷାଠାରୁ ଷୋଳପୂଜା ପାଇଁ ରଣପୁର ରାଜନଅରରେ ଅବସ୍ଥାପନ କରିଥିଲେ। ଏଥିପାଇଁ ରଣପୁର ଚଳଚଞ୍ଚଳ ହୋଇ ଉଠିଥିଲା। ପ୍ରତିବର୍ଷ ମା' ଖିଲାମୁଣ୍ଡାଙ୍କୁ ଦଶହରା ଦିନ ଭକ୍ତମାନେ ରଣପୁର ଦଶହରା ପଡିଆରେ ପୂଜାର୍ଚ୍ଚନା କରି ବିଦାୟ ଦେଇଥାନ୍ତି। ସେହି ବିଦାୟ ବେଳେ ୭ଥର ତୋପସଲାମ ଦିଆଯାଇଥାଏ। ତା ପରେ ମା' ଖିଲାମୁଣ୍ଡା ଏକ ପାରା ଦେହରେ ସ୍ୱଆସ୍ଥାନକୁ ଫେରିଥାନ୍ତି ବୋଲି ସ୍ଥାନୀୟ ଲୋକଙ୍କ ବିଶ୍ୱାସ ରହିଛି।

ପରମ୍ପରା ଅନୁଯାୟୀ, ରାଆଁରାଳା ଘଞ୍ଚ ଜଙ୍ଗଲରୁ ଏକ କାଠି ସାହାର୍ଯ୍ୟରେ ମା' ଖିଲାମୁଣ୍ଡା ଆସି ରଣପୁର ରାଜବାଟୀରେ ରହିଥାନ୍ତି। ସେଦିନଠାରୁ ଦଶହରା ପର୍ଯ୍ୟନ୍ତ ରାଜନଅର ଚଳଚଞ୍ଚଳ ହୋଇଉଠେ। ପ୍ରତିଦିନ ଶତାଧିକ ଭକ୍ତ ମା'ଙ୍କୁ ଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରିଥାନ୍ତି। ଯାହାର ମାନସିକ ଥାଏ ସେ ମା'ଙ୍କୁ ନୂଆ ଲୁଗା ପ୍ରଦାନ କରିଥାନ୍ତି। ମଙ୍ଗଳବାର ଦଶହରା ଦିନ ରାଜନଅରରୁ ସନ୍ଧ୍ୟା ୭ ଟାରେ ଭକ୍ତମାନଙ୍କ ସହିତ ରଣପୁର ରାଜା ସାହେବ ଦିଲୀପ ଚନ୍ଦ୍ର ସିଂହଦେଓ, ସେନାପତି ମନ୍ତ୍ରୀ , କଟୁଆଳ ଏବଂ ରାଜ ପୁରୋହିତ ସମେତ ଶ୍ରଦ୍ଧାଳୁମାନେ ଏକତ୍ର ହୋଇ ଏକ ବିରାଟ ଶୋଭାଯାତ୍ରା ଆସିଥିଲେ। ଘଣ୍ଟଘଣ୍ଟା, କାହାଳୀ, ବାଜା,ବାଣରେ ରଣପୁର ସହର ପ୍ରକମ୍ପିତ ହୋଇଥିଲା। ଶୋଭାଯାତ୍ରା ସହର ପରିକ୍ରମା ପରେ ମା' ଖିଲାମୁଣ୍ଡାଙ୍କୁ ହାଟସାହି ଠାରେ ଥିବା ଦଶହରା ପଡ଼ିଆକୁ ନିଆଯାଇଥିଲା। ସେଠାରେ ରାଜା ମା' ଖିଲାମୁଣ୍ଡାଙ୍କୁ ପୂଜାର୍ଚ୍ଚନା କରିଥିଲେ। ସେହି ସମୟ ପୂର୍ବରୁ ପ୍ରସ୍ତୁତ ଥିବା ଏକ ପାରାକୁ ଆକାଶକୁ ଛଡାଯାଇଥିଲା। ଅନ୍ଧରା ରାତିରେ ଉକ୍ତ ପାରାଦେହରେ ମା' ଖିଲାମୁଣ୍ଡା ବିଜେ କରି ମାଳ ଅଞ୍ଚଳ ରାଆଁରାଳାକୁ ଚାଲି ଯାଇଥିଲେ । ଠିକ ସେହି ସମୟରେ ମା' ଙ୍କୁ ବିଦାୟ ଦେବା ପାଇଁ ୭ ଥର ତୋପ ଧ୍ୱନୀରେ ସଲାମ ଦିଆଯାଇଥିଲା। ଏଠାରୁ ଛଡା ଯାଇଥିବା ପାରାଟି ତା'ପର ଦିନ ମାଳ ଅଞ୍ଚଳରେ ଥିବା ମା' ଙ୍କ ମନ୍ଦିର ପାଖରେ ମରି ପଡିଥିବା ସ୍ଥାନୀୟ ଲୋକେ ଦେଖିଥାନ୍ତି। ମା' ଖିଲାମୁଣ୍ଡା ନିଜ ଆସ୍ଥାନକୁ ଫେରି ଆସିଲେ ବୋଲି ଏହି ଅଞ୍ଚଳ ର ଆଦିବାସୀମାନଙ୍କ ବିଶ୍ୱାସ ରହିଛି।


ମା'ଙ୍କ ଶୋଭାଯାତ୍ରାରେ ସାମିଲ ଗ୍ରାମବାସୀ ଓ ପିଲାମାନେ।


ନୂଆଗାଁରେ ତୋପ ସଲାମୀ ଦିଆଯାଉଛି।

# ଛାତ୍ରୀଛାତ୍ରଙ୍କ ବ୍ଲକସ୍ତରୀୟ ପ୍ରତିଯୋଗିତା

**ନୂଆଗାଁ,୨୫।୧୦(ଧନେଶ୍ୱର ସାହୁ)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସଭାଗୃହରେ ବିପର୍ଯ୍ୟୟ ସମୟରେ ଓଡ଼ିଶାକୁ ସଶକ୍ତ ସମାଜ ଗଠନ କରିବା ବିଷୟକୁ ନେଇ ସ୍କୁଲ କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବୁଧବାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ତେବେ ରଚନା ଲିଖନ, ବକ୍ତୃତା ଓ ଚିତ୍ରାଙ୍କନ ଆଦି ୩ ପ୍ରତିଯୋଗିତା ପାଇଁ ମାତ୍ର ୭ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ବ୍ଲକ୍‌ସ୍ତରର ଏଭଳି ଏକ ପ୍ରତିଯୋଗିତା ପାଇଁ ଛାତ୍ରୀଛାତ୍ର ଭାଗ ନ ନେବା ନୂଆଗାଁ ବ୍ଲକର ଶିକ୍ଷା ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

ପ୍ରାକୃତିକ ବିପର୍ଯ୍ୟୟ ଆସିବା ପୂର୍ବରୁ କିଭଳି ନିଜକୁ ସଜାଗ ରଖିବାକୁ ପଡିବ, ସଜାଗ କ୍ଷେତ୍ରରେ କାହାର କେଉଁ ଦାୟିତ୍ୱ ରହିବ, ବିପର୍ଯ୍ୟୟ ଆସିଲେ ଯେପରି ଧନ ଜୀବନ କ୍ଷତି ନ ହେବା ତାହାକୁ କିଭଳି ମୁକାବିଲା କରିବାକୁ ହେବ ଏବଂ ବିପର୍ଯ୍ୟୟ ପରବର୍ତ୍ତିସମୟରେ କ୍ଷତିଗ୍ରସ୍ତଙ୍କ କ୍ଷତିକୁ କିଭଳି ଭରଣା କରାଯାଇ ପାରିବ ସେ ବିଷୟକୁ ନେଇ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ରଚନା ଲିଖନ, ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ଏହି ପ୍ରତିଯୋଗିତା ପାଇଁ ନିର୍ଦ୍ଧାରିତ ଦିନ ସ୍କୁଲ କଲେଜ ଛାତ୍ରୀଛାତ୍ରଙ୍କୁ ଆଣିବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ନୂଆଗାଁ ଶିକ୍ଷାଧିକାରୀଙ୍କୁ ଜଣାଇ ଦିଆଯାଇଥିଲା।

**୧୩ କ୍ଲଷ୍ଟରରୁ ମାତ୍ର ୭ ପ୍ରତିଯୋଗୀ ଅଂଶ ଗ୍ରହଣ କଲେ**

ତେବେ ନୂଆଗାଁ ବ୍ଲକର ୨୨ ପଞ୍ଚାୟତର ୧୩ କ୍ଲଷ୍ଟରରୁ ୫ ଜଣ ଛାତ୍ରୀ ୨ ଜଣ ଛାତ୍ର ମୋଟ ମାତ୍ର ୭ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗୀଙ୍କ ମଧ୍ୟରୁ ରଚନା ଲିଖନରେ ୫ ଜଣ ଚିତ୍ରାଙ୍କନରେ ୨ ଜଣ ଓ ଜଣେ ଛାତ୍ର ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇଥିଲେ। ରଚନା ଲିଖନରେ ନୂଆଗାଁ ବାଳିକା ଉଚ୍ଚ ବିଦ୍ୟାଳୟର ତନୁଶ୍ରୀ ସାହୁ, ଚିତ୍ରାଙ୍କନରେ ପ୍ରତୀକ୍ଷା ପ୍ରିୟଦର୍ଶିନୀ ଓ ବକ୍ତୃତାରେ ନୂଆଗାଁ ହାଇସ୍କୁଲର ରୁଦ୍ରନାରାୟଣ ଦାସ କୃତିତ୍ୱ ହାସଲ କରିଥିଲେ। ଏହି କାର୍ଯ୍ୟକ୍ରମରେ ନୂଆଗାଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ବିଡିଓ ବାସୁଦେବ ନାୟକ, ଯୋଗାଣ ନିରୀକ୍ଷକ ବି.ଶ୍ରୀହର୍ଷ, ବ୍ଲକ ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ସାହୁ, ସମାଜ ମଙ୍ଗଳ ଅଧିକାରୀ ଯଜ୍ଞେଶ୍ୱର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ପ୍ରତିଯୋଗିତାରେ ଛାତ୍ରୀଛାତ୍ର ଅଂଶ ଗ୍ରହଣ ନ କରିବା ବାବଦରେ ନୂଆଗାଁ ବ୍ଲକ ଶିକ୍ଷାଧିକାରୀ ସାହୁଙ୍କୁ ପଚାରିବାରେ ଆମେ ସମସ୍ତ କ୍ଲଷ୍ଟରର ସିଆରସିଙ୍କୁ ଜଣାଇ ଥିଲୁ। କିନ୍ତୁ ଦଶହରା ଛୁଟି ଥିବା କାରଣରୁ ଛାତ୍ରୀଛାତ୍ର ଆସି ନ ଥିବା ଶିକ୍ଷାଧିକାରୀ ସାହୁ କହିଥିଲେ।

